ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.266 Bhubaneswar Tuesday December 05 2023 | ୨୬ତମ ବର୍ଷ ସଂଖ୍ୟା–୨୬୬ ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୦୫, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

# ଓଡିଶାରେ ବି ଗେମଚେଞ୍ଜର ହେବ 'ମୋଦି ଗ୍ୟାରେଣ୍ଟି': ବଢ଼ିଲା ବିଜେଡି ଅଡୁଆ,ବଦଳିପାରେ ରଣନୀତି



ଭୁବନେଶ୍ୱର,୪।୧୨(ପି.ଏନ): ସୁଚିନ୍ତିତ ରଣନୀତି ଓ ନିର୍ବାଚନୀ ପ୍ରତିଶ୍ରୁତିକୁ 'ମୋଦି ଗ୍ୟାରେଣ୍ଟି'ର ନାଁ ଦେଇ ହିନ୍ଦି ହାର୍ଟଲ୍ୟାଣ୍ଡରେ ବୃହତ୍ ବିଜୟ ହାସଲ କରିଛି ବିଜେପି । ମଧ୍ୟପ୍ରଦେଶ, ରାଜସ୍ଥାନ ଓ ବିଶେଷକରି ପଡ ?ଶୀ ଛତିଶଗଡରେ ସମସ୍ତଙ୍କୁ ଚକମା ଦେଇ ବିଜେପି ନିଜର ସର୍ବକାଳୀନ ରେକର୍ଡ ସିଟ୍ ହାତେଇଛି । ବିଜେପିର ବୃହତ୍ ବିଜୟ ପରେ ଓଡିଶାରେ କ୍ଷମତାସୀନ ବିଜେଡି ଟେନସନରେ । ଦୀର୍ଘ ୨ଦଶନ୍ଧି ଧରି ରାଜ୍ୟରେ କ୍ଷମତାରେ ରହିବା ନେଇ ଯେଉଁ କୌଶଳ ବିଜେଡି ଆପଣାଇଛି ତାହା ଏବେ ପ୍ରଭାବହୀନ ହେବାରେ ଲାଗିଛି । ଯଦି ସବୁକିଛି ଠିକଠାକ୍ ରୁହେ ଓ କେନ୍ଦ୍ରୀୟ ବିଜେପି ନେତୃତ୍ୱ ବିଜେଡି ପ୍ରତି ଥିବା କୋହଳ ଆଭିମୁଖ୍ୟରେ ପରିବର୍ତ୍ତନ କରନ୍ତି ତା'ହେଲେ ଓଡିଶାରେ ନବୀନଙ୍କ ଦୁର୍ଗ ଭୁଷୁଡିବାକୁ ବେଶୀ ସମୟ ଲାଗିବ ନାହିଁ । ଆଉ ବିଜେଡିକୁ କ୍ଷମତାଚ୍ୟୁତ କରିବା ପାଇଁ ରାଜ୍ୟରେ ଏବେ ଅନୁକୂଳ ମାହୋଲ ରହିଥିବା ରାଜନୀତିକ ବିଶ୍ଳେଷକମାନେ ଆକଳନ କରୁଛନ୍ତି ।ରାଜନୀତିକ ବିଶ୍ଳେଷକଙ୍କ ମତରେ ୨୦୧୯ ସାଧାରଣ ନିର୍ବାଚନ ପରଠୁ ବିଜେପି ଓ ବିଜେଡିର ଶୀର୍ଷ ନେତୃତ୍ୱଙ୍କ ମଧ୍ୟରେ ରାଜନୀତିକ ସମ୍ପର୍କର ପରିଭାଷା ବଦଳି ଯାଇଛି । କେନ୍ଦ୍ରରେ ବିଜେପି ସରକାରକୁ ଉପରେ ପଡି ସବୁପ୍ରକାରର ସମର୍ଥନ ଓ ଏପରିକି ଗୋଟିଏ ରାଜ୍ୟସଭା ଆସନ ମଧ୍ୟ ଦେବାକୁ ବିଜେଡି ପଛାଇ ନାହିଁ । କେନ୍ଦ୍ରୀୟ ବିଜେପି ନେତୃତ୍ୱଙ୍କ ଶୁଭଦୃଷ୍ଟିରେ ରହିବା ପାଇଁ ବିଜେଡି ଗତ ସା ? ?୪ବର୍ଷ ଧରି ସବୁପ୍ରକାର କଳକୌଶଳ ଆପଣାଇଛି । ଆଉ ଏହି ଅବଧି ମଧ୍ୟରେ ବିଜେଡି ନିଜର କଟ୍ଟର ଆଂଚଳିକବାଦ ଆଭିମୁଖ୍ୟ ଓ କେନ୍ଦ୍ରୀୟ ଅବହେଳା ପ୍ରସଙ୍ଗରୁ ବି ଓହରି ଯାଇଛି । ଏପରିକି ବିଜେପି ରାଜ୍ୟରେ ପ୍ରମୁଖ ବିରୋଧୀ ଦଳ ହୋଇଥିଲେ ମଧ୍ୟ ବିଜେପିର ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅମିତ୍ ଶାହଙ୍କ ସମ୍ପର୍କରେ ପଦୁଟିଏ ବି ବିଜେଡି କହିବାକୁ ସାହାସ ଜୁଟାଇ ପାରିନି । ବିଜେପିର ଏହି ଦୁଇ ଶୀର୍ଷ ନେତାଙ୍କ ବିରୁଦ୍ଧରେ ପ୍ରତିକୂଳ ଟିପ୍ପଣୀ ଦେବାକୁ ବିଜେଡିର ମୁଖପାତ୍ର ହୁଅନ୍ତୁ ଅବା ବିଧାୟକ ଓ ସାଂସଦ, କେହି ବି ଏପର୍ଯ୍ୟନ୍ତ ସାହାସ କରିନାହାନ୍ତି । ଯଦିଓ ରାଜ୍ୟ ବିଜେପି ନେତୃତ୍ୱ ପ୍ରତିଦିନ ଶାସକ ବିଜେଡିକୁ ବିଭିନ୍ନ ପ୍ରସଙ୍ଗରେ ସମାଲୋଚନା ସହ ସରକାର ବିରୁଦ୍ଧରେ ବିକ୍ଷୋଭ-ଧାରଣା ଆଦି ଜାରି ରଖିଛନ୍ତି । ହିନ୍ଦି ହାର୍ଟଲ୍ୟାଣ୍ଡରେ ବିଜେପିର ବୃହତ୍ ବିଜୟ ପରେ ବିଜେଡି ମୁଖ୍ୟମନ୍ତ୍ରୀ ସୁପ୍ରିମୋ ନବୀନ ପଟ୍ଟନାୟକ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟେଲିଫୋନ୍ କରି ଶୁଭେଚ୍ଛା ଜଣାଇଛନ୍ତି ।କେନ୍ଦ୍ରୀୟ ରାଜନୀତିକ ପରିଦୃଶ୍ୟରେ ବିଜେଡିର ଭୂମିକା ସର୍ବଦା ବିଜେପିର ବି-ଟିମ୍ ସଦୃଶ ବୋଲି ବିରୋଧୀ ଦଳଗୁଡିକ ଅଭିଯୋଗ କରି ଆସୁଛନ୍ତି । ଯଦିଓ ଏଭଳି ଚର୍ଚ୍ଚା ଓ ଅଭିଯୋଗକୁ ଉଭୟ ବିଜେଡି ଓ ରାଜ୍ୟ ବିଜେପି ନେତୃତ୍ୱ ଖଣ୍ଡନ କରିଆସୁଛନ୍ତି ।ତେବେ ସାଧାରଣ ନିର୍ବାଚନର ମାତ୍ର ୪ମାସ ପୂର୍ବରୁ ନିର୍ବାଚନୀ ସେମି ଫାଇନାଲରେ ବିଜେପିର ଅଭୂତପୂର୍ବ ବିଜୟ ପରେ ବିଜେଡିର ଟେନସନ୍ ବ ?ଯାଇଛି । ନିଜ ଉପରେ ଚାପ ବ ?ିବାର ଆଶଙ୍କା ବିଜେଡି କରୁଛି । ବିଜେପି ରାଜ୍ୟରେ ଫ୍ରେଣ୍ଡଲି ମ୍ୟାଚ୍ ଖେଳିବ ନା ଏକପାଖିଆ କ୍ଷମତା ଦଖଲ ପାଇଁ ରଣନୀତିକୁ କାର୍ଯ୍ୟକାରୀ କରାଇବ ତାହା ମଧ୍ୟ ବିଜେଡିକୁ ଆଶଙ୍କାରେ ପକାଇଛି ।

## ଜାତୀୟ ରାଜପଥରେ ଦୁର୍ଘଟଣାଜନିତ ମୃତ୍ୟୁ ପାଇଁ ଦାୟୀ କିଏ ?



ଭୁବନେଶ୍ୱର,୪।୧୨(ପି.ଏନ): ଜାତୀୟ ରାଜପଥ(NH)ରେ ବେଆଇନ ଗାଡି ପାର୍କିଂ ଡାକୁଛି ବିପଦ। ଘଟୁଛି ଦୁର୍ଘଟଣା, ଚାଲିଯାଉଛି ନିରୀହ ଜୀବନ। କେନ୍ଦୁଝର ହେଉ ବା ଭୁବନେଶ୍ୱର ଅଥବା ଆଜି ଯାଜପୁରରେ ଘଟିଥିବା ଦୁର୍ଘଟଣା, ସବୁଠି ବେଆଇନ ଗାଡି ପାର୍କିଂ ମୁଖ୍ୟ କାରଣ।ହେଲେ ଘଟଗାଁରେ ମର୍ମନ୍ତୁଦ ସଡକ ଦୁର୍ଘଟଣାକୁ ନେଇ ଏବେ ରାଜ୍ୟ ସରକାର ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷ(ଘଐଇଓ) ମୁହାଁମୁହିଁ ହୋଇଛନ୍ତି। ପରସ୍ପରକୁ ଦୋଷ ଲଦାଲଦି ହୋଇଛନ୍ତି। କେନ୍ଦୁଝର ସଡକ ଦୁର୍ଘଟଣାରେ ୮ ଜଣଙ୍କ ମୃତ୍ୟୁ ଲାଗି NHA ଓ କର୍ତ୍ତୃପକ୍ଷକୁ ସିଧାସଳଖ ଦାୟୀ କରିଛି ପରିବହନ ବିଭାଗ।

## ଅନୁଗୁଳ ଜିଲ୍ଲାର ଏମସିଏଲ ଦ୍ୱାରା ପୂର୍ବରୁ ପରିଚାଳିତ ନେହେରୁ ଶତାବ୍ଦୀ ହସପିଟାଲର ନାମ ପରିବ□ନ କରିବା ଅତ୍ୟନ୍ତ ହୀନ ଚିନ୍ତାଧାରା : ଶରତ ପଟ୍ଟନାୟକ

ଭୁବନେଶ୍ୱର ୪।୧୨(ପି.ଏନ): ଏମସିଏଲର ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ତାଳଚେର ଠାରେ ଏକ ନୂଆ ମେଡିକାଲ କଲେଜ ଓ ହସପିଟାଲ ଓଡ଼ିଶାର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଏବଂ ପ୍ରଜା ଆନ୍ଦୋଳନର ମୁଖ୍ୟ ପୁରୋଧା ପବିତ୍ର ମୋହନ ପ୍ରଧାନଙ୍କ ନାମରେ ନାମିତ ହୋଇଥିବାରୁ ପ୍ରଦେଶ କଂଗ୍ରେସ ସଭାପତି ଖୁସି ବ୍ୟକ୍ତ କରିଛନ୍ତି। କିନ୍ତୁ ଶ୍ରୀ ପଟ୍ଟନାୟକ ଅତ୍ୟନ୍ତ କ୍ଷୋଭର ସହ ରାଜ୍ୟ ସରକାର ଯେଉଁଭଳି ଭାବରେ ଭାରତ ବର୍ଷର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ନାମରେ ଏମସିଏଲ ଦ୍ୱାରା ତାଳଚେର ଠାରେ ଦୀର୍ଘବର୍ଷ ଧରି ପରିଚାଳିତ ନେହେରୁ ଶତାବ୍ଦୀ ହସପିଟାଲର ନେହେରୁଙ୍କ ନାମକୁ ପରିବର୍ତନ କରିବାକୁ ଅତି କଟୁଭାଷାରେ ସମାଲୋଚନା କରି କହିଛନ୍ତି ଏହା ହେଉଛି ରାଜ୍ୟ ସରକାରଙ୍କର ହୀନ ମାନସିକତା। ଓଡ଼ିଶା ସରକାର ଭାରତବର୍ଷର ପ୍ରଥମ ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ସମ୍ମାନ ଦେବାକୁ ଭୁଲି ଯାଉଛନ୍ତି। ସେ ମନେ ପକାଇ ଦେଇ କହିଛନ୍ତି ଯେ ଏକଦା ବିଜୁ ପଟ୍ଟନାୟକ ନେହେରୁଙ୍କ ଆଶୀର୍ବାଦରୁ ମୁଖ୍ୟମନ୍ତ୍ରୀ ହୋଇଥିଲେ ଏବଂ ନେହେରୁଙ୍କ ପ୍ରତି ତାଙ୍କର ଯଥେଷ୍ଟ ସମ୍ମାନ ରହିଥିଲା ।ତାଳଚେରରେ ନୂଆ ମେଡିକାଲ କଲେଜ ପ୍ରତିଷ୍ଠା ହେଲା ଏହା ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଖୁସି ଏବଂ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଆମ ସମସ୍ତଙ୍କ ନମସ୍ୟ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପବିତ୍ର ମୋହନ ପ୍ରଧାନଙ୍କ ନାମରେ ନାମିତ ହୋଇଥିବା ଆମ ସମସ୍ତଙ୍କ ପାଇଁ ଏହା ଗର୍ବର କଥା, କିନ୍ତୁ ରାଜ୍ୟ ସରକାର ତଥା ଖୋଦ ମୁଖ୍ୟମନ୍ତ୍ରୀ ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁଙ୍କ ନାମ ପରିବର୍ତନ କରିବା ଅତ୍ୟନ୍ତ କ୍ଷୋଭର ବିଷୟ। ଏହା ଏ ସରକାରର ମାନସିକ ଦେବାଳିଆ ପଣକୁ ସୁଚାଉଛି। ଶ୍ରୀ ପଟ୍ଟନାୟକ ସରକାରଙ୍କୁ ଚେତାଇ ଦେଇ କହିଛନ୍ତି ଏଭଳି ହୀନ ମାନସିକତାରୁ ରାଜ୍ୟ ସରକାର ନିଜକୁ ନିବୃତ ରଖନ୍ତୁ। ଏସବୁ ଆଚରଣ ଉଚାରଣକୁ କଂଗ୍ରେସ କଦାପି ଗ୍ରହଣ କରିବ ନାହିଁ। ଏହାର କଡ଼ାଗଣ୍ଡା ଉତର ସରକାରଙ୍କୁ ଦେବାକୁ ପଡ଼ିବ। ନେହେରୁଙ୍କ ନାମକୁ ଅପରିବର୍ତିତ ରଖିବାକୁ ଶ୍ରୀ ପଟ୍ଟନାୟକ ସରକାରଙ୍କୁ ଉପଦେଶ ଦେଇଛନ୍ତି।

## ବିଧାୟକଙ୍କ ନିକଟରୁ ମୁହଁ ଫେରାଉଛନ୍ତି କର୍ମୀ

ଭୁବନେଶ୍ୱର,୪।୧୨(ପି.ଏନ): ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ୬ ଥର ବିଧାୟକ ଭାବେ ନିର୍ବାଚିତ ହୋଇ ବିଧାନସଭା ରେ ପ୍ରତିନିଧିତ୍ୱ କରୁଛନ୍ତି । ବଡ଼ଚଣା ର ଭୋଟର ମାନେ ନିର୍ବାଚନ ମଣ୍ଡଳୀର ବିକାଶକୁ ତ୍ୱରାନ୍ୱିତ କରିବା ଉଦ୍ଧ ?ଶ୍ୟରେ ତାଙ୍କୁ ସମର୍ଥନ ଦେଇ ଆସୁଛନ୍ତି । ଏପରିକି ତାଙ୍କର କେତେଜଣ ତୋଷମଦ କାରୀ କର୍ମୀ ତାଙ୍କୁ ରାଜ୍ୟରେ ଶ୍ରେଷ୍ଠ ଜିଲ୍ଲାରେ ବରିଷ୍ଠ କର୍ତ୍ତବ୍ୟରେ ଏକନିଷ୍ଠ ବୋଲି ଆଖ୍ୟା ଦେଇ ତାଙ୍କର ଡିଣ୍ଡିମ ପିଟୁଥିବାର ନଜିର ରହିଛି । ଏବେ ଏହି ବିଧାୟକ ଙ୍କ ନିର୍ବାଚନ ମଣ୍ଡଳୀରେ ଚାଲିଥିବା ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ରେ ସେଭଳି କର୍ମୀ ଓ ସମର୍ଥକ ଯୋଗନଦେବା ସାଧାରଣରେ ଆଲୋଚନା ହେଉଛି । ଗତ ୨୦୨୨ ମସିହାରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ ରେ ୨୮୨୭ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ମାତ୍ର ଏକବର୍ଷ ମଧ୍ୟରେ ଅର୍ଥାତ ୨୦୨୩ ମସିହାରେ ହୋଇଥିବା ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ରେ ମାତ୍ର ୧୫୦୮ ୟୁନିଟ ରକ୍ତ ସଂଗୃହୀତ ହେବା ଘଟଣା ପୂର୍ବଭଳି କର୍ମୀ ଓ ସମର୍ଥକ ଙ୍କ ସେଭଳି ଆନୁଗତ୍ୟ ନଥିବା ଭଳି ମନେ ହେଉଛି । କେହି କେହି ଏହି ଘଟଣା ପାଇଁ ନିଜେ ବିଧାୟକ ଦାୟୀ ବୋଲି କହୁଥିବା ବେଳେ ଅନ୍ୟକିଛି ବିଧାୟକଙ୍କ ଏକଚାଟିଆ ଶାସନର ଫଳ ବୋଲି ମତ ଦେଇଛନ୍ତି ।ପ୍ରକୃତ କାରଣ ଯାହା ହେଉନା କାହିଁକି ରାଜନୈତିକ ବିଶାରଦ ମାନେ ଏଭଳି ଘଟଣାକୁ ବିଧାୟକ ଙ୍କ ଠାରୁ କର୍ମୀଓ ସମର୍ଥକ ମୁହଁ ଫେରାଇଥିବା ମତ ଦେଇଛନ୍ତି । ଏଭଳି ସ୍ଥିତି ଯଦି ବଜାୟ ରହେ ତେବେ ଅଗାମିଦିନରେ ଦଳକୁ ବହୁମୂଲ୍ୟ ଦେବାକୁ ପଡିବ ବୋଲି ବୁଦ୍ଧି ଯିବି ମତ ଦେଇଛନ୍ତି ।

## ବଡକାଣିଝରେ' ଡ୍ୟାମ ନାହିଁ ତ, ୨୦୨୪ରେ ଭୋଟ୍ ନାହିଁ...



ଭୁବନେଶ୍ୱର,୪।୧୨(ପି.ଏନ): 'ବଡକାଣିଝର' ଡ୍ୟାମ ନାହିଁ ତ, ୨୦୨୪ ସାଧାରଣ ନିର୍ବାଚନରେ ଭୋଟ୍ ନାହିଁ... । ଆଜି ଏପରି ନାରା ଦେଇ କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ଗର୍ଜୁଛନ୍ତି ୩ ପଞ୍ଚାୟତର ଶହଶହ ଚାଷୀ। ଚାଷୀମାନେ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ହରିଚନ୍ଦନପୁର ବ୍ଲକ୍‌ର ତେନ୍ତଳାପଶି, ହୁଣ୍ଡା ଓ ଜୁଙ୍ଗାର ପଞ୍ଚାୟତର ଶହଶହ ହେକ୍ଟର ଚାଷ ଜମିକୁ ପାଣି ଯୋଗାଇବା ଉଦ୍ଦେଶ୍ୟରେ ୧୯୯୮ ମସିହାରେ ଖେଡିଆଡିହା ନାଳରେ 'ବଡକାଣିଝର' ଡ୍ୟାମ ନିର୍ମାଣ କରିବା ପାଇଁ ଘୋଷଣା କରିଥିଲେ ରାଜ୍ୟ ସରକାର। ହେଲେ ଦୁର୍ଭାଗ୍ୟର ବିଷୟ ଆଜି ପର୍ଯ୍ୟନ୍ତ ଡ୍ୟାମ୍ ? ନିର୍ମାଣ ହୋଇପାରିଲା ନାହିଁ।

## ରମା ଦେବୀ ମହିଳା ବିଶ୍ୱବିଦ୍ୟାଳୟର ନବମ ପ୍ରତିଷ୍ଠା ଦିବସ ଉତ୍ସବ
## ଓଡ଼ିଶାରେ ମହିଳା ସଶକ୍ତିକରଣ ଦିଗରେ ବିଶ୍ୱବିଦ୍ୟାଳୟର ଅବଦାନ ଉଲ୍ଲେଖନୀୟ : ରାଜ୍ୟପାଳ

ଭୁବନେଶ୍ୱର,୪।୧୨(ପି.ଏନ): ଚଳିତ ଶତାବ୍ଦୀ ଭାରତର। ଭାରତ ବିଶ୍ୱର ନେତୃତ୍ୱ ନେବାକୁ ଯାଉଛି। ସଂପ୍ରତି ଭାରତ ବିଶ୍ୱରେ ପଂଚମ ବିଶାଳ ଅର୍ଥବ୍ୟବସ୍ଥା। ଖୁବ୍ ଶୀଘ୍ର ତୃତୀୟ ସ୍ଥାନରେ ପହଂଚିବ। ବିକାଶର ଏହି ଧାରାକୁ ତ୍ୱରାନ୍ୱିତ କରିବାରେ ନାରୀ ଶକ୍ତି ଅଗ୍ରଣୀ ଭୂମିକା ନେବ ବୋଲି ରାଜ୍ୟପାଳ ରଘୁବର ଦାସ ପ୍ରକାଶ କରିଛନ୍ତି।

ଆଜି ରମାଦେବୀ ବିଶ୍ୱବିଦ୍ୟାଳୟର ନବମ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେଇ ରାଜ୍ୟପାଳ ତଥା କୁଳାଧିପତି ରଘୁବର ଦାସ କହିଛନ୍ତି ଯେ, ଏବେ ନାରୀମାନେ ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ ବିପୁଳ ସଫଳତା ଅର୍ଜନ କରିବା ସହ ନେତୃତ୍ୱ ନେଉଛନ୍ତି। ଏହାକୁ ଆହୁରି କ୍ରିୟାଶୀଳ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ଅନେକ ଦୂରଦୃଷ୍ଟିସଂପନ୍ନ କାର୍ଯ୍ୟକ୍ରମ ଓ ଯୋଜନା କାର୍ଯ୍ୟକାରୀ କରାଯାଉଛି। ନିକଟରେ ସଂମ୍ବିଧାନ ସଂଶୋଧନ କରି ନାରୀଶକ୍ତି ବନ୍ଦନ ଅଧିନିୟମ ଆଣି ନାରୀଶକ୍ତିର ଉପଯୋଗ ଓ ପ୍ରୟୋଗକୁ ସଶକ୍ତ କରାଯାଇଛି। ନାରୀଶକ୍ତିର ସମ୍ମାନ ଓ ଅଧିକାର ପାଇଁ ସରକାରଙ୍କ ପ୍ରତିବଦ୍ଧତା ଓ ଆନ୍ତରିକତା ବେଶ୍ ପ୍ରେରଣାଦାୟୀ ବୋଲି ରାଜ୍ୟପାଳ ପ୍ରକାଶ କରିଛନ୍ତି। ରାଜ୍ୟପାଳ ଆହୁରି କହିଛନ୍ତି ଯେ, ଜାତୀୟ ଶିକ୍ଷାନୀତି ୨୦୨୦ ଏକ ପ୍ରଗତିଶୀଳ ପ୍ରୟାସ। ଜ୍ଞାନ ଆଧାରିତ ବ୍ୟବସ୍ଥାକୁ ଏହା ସୁଦୃଢ଼ କରିବ। ଦକ୍ଷତା ଓ କୌଶଳ ବିକାଶଠୁ ଆରମ୍ଭ କରି ମାତୃଭାଷାରେ ଶିକ୍ଷାଦାନ ଏବଂ ନବସୃଜନ ଓ ଅନୁସନ୍ଧାନକୁ ପ୍ରୋତ୍ସାହନ ମାଧ୍ୟମରେ ଦେଶ ଉଜ୍ଜଳ ଭବିଷ୍ୟତକୁ ଯାତ୍ରା କରିବ। ଏକ ବିକଶିତ ଓ ଆତ୍ମନିର୍ଭର ଭାରତ ନିର୍ମାଣ ଦିଗରେ ନାରୀଶକ୍ତିର ଗରିଷ୍ଠ ଭୂମିକା ରହିଛି ବୋଲି ରାଜ୍ୟପାଳ ପ୍ରକାଶ କରିଛନ୍ତି। ମହାବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଯାତ୍ରା ବେଶ୍ ଅର୍ଥପୂର୍ଣ୍ଣ ଓ ପ୍ରେରଣା ପ୍ରଦାୟକ। ଓଡ଼ିଶାରେ ମହିଳା ସଶକ୍ତିକରଣ ଦିଗରେ ବିଶ୍ୱବିଦ୍ୟାଳୟର ଅବଦାନ ଉଲ୍ଲେଖନୀୟ। ଯେଉଁ ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ନେଇ ଏ ଯାତ୍ରା ଆରମ୍ଭ ହୋଇଥିଲା ଏବଂ ଭବିଷ୍ୟତର ଆହ୍ୱାନ ଓ ଆବଶ୍ୟକତାକୁ ସାମ୍ନା କରିବାକୁ ପ୍ରସ୍ତୁତି ସଂପର୍କରେ ଆତ୍ମସମୀକ୍ଷା ହିଁ ଆଜିର ଅନୁଚିନ୍ତା। ମା' ରମାଦେବୀ ଚିର ପ୍ରେରଣାର ଉତ୍ସ। ତାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜକୁ ଗଢ଼ିବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି। ରାଜ୍ୟପାଳ ଛାତ୍ରୀମାନଙ୍କୁ ସମ୍ବୋଧିତ କରି କହିଛନ୍ତି ଯେ, ସଫଳତାରେ ଅତି ଉଲ୍ଲସିତ ହୁଅ ନାହିଁ କି ବିଫଳତାରେ ଭାଙ୍ଗି ପଡନାହିଁ। ନିଜ ଉପରେ ଆସ୍ଥା ଓ ଭରସା ରଖ। ଅନ୍ୟ କାହା ସହିତ ନୁହେଁ ନିଜ ସହ ପ୍ରତିଦ୍ୱନ୍ଦିତା କରିବାକୁ ରାଜ୍ୟପାଳ କହିଛନ୍ତି। ପ୍ରତିଷ୍ଠା ଦିବସ ସମାରୋହରେ ବିଶ୍ୱବିଦ୍ୟାଳୟର କୁଳପତି ଅପରାଜିତା ଚୌଧୁରୀ, କୁଳସଚିବ ଶ୍ୟାମଳୀ ମହାପାତ୍ର, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଚଣ୍ଡୀ ଚରଣ ରଥ ବିଶ୍ୱବିଦ୍ୟାଳୟର ସ୍ଥିତି ଓ ପ୍ରଗତି ସଂପର୍କରେ ସୂଚନା ଦେଇଥିଲେ। ଉତ୍ସବରେ ଦକ୍ଷିଣ କୋରିଆର ବୌଦ୍ଧ ସନ୍ନ୍ୟାସୀ ଭେନ୍. ସୀମ୍ ସାନ୍ ମାନବ କଲ୍ୟାଣରେ ମହିଳାଙ୍କ ଯୋଗଦାନ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ସମ୍ମାନନୀୟ ଅତିଥି ତଥା 'ସ୍ୱାଭିମାନ'ର ପ୍ରତିଷ୍ଠାତା ଓ ମୁଖ୍ୟନିର୍ବାହୀ ଶ୍ରୁତି ମହାପାତ୍ର ନିଜ ଜୀବନ ଯାତ୍ରାର ଅନୁଭବ ଓ ଉପଲବ୍ଧି ପ୍ରକାଶ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ ପୁସ୍ତକ ଉନ୍ମୋଚିତ ହେବା ସହ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ରାଜ୍ୟପାଳ ପୁରସ୍କୃତ କରିଥିଲେ। ପ୍ରାରମ୍ଭରେ ରାଜ୍ୟପାଳଙ୍କ ଦ୍ୱାରା ମା' ରମାଦେବୀ ମ୍ୟୁଜିଅମ ଉଦଘାଟିତ ହୋଇଥିଲା ।

## ଇସ୍ତଫା ଦେଲେ ମୁଖ୍ୟମନ୍ତ୍ରୀ ଜୋରାମଥାଙ୍ଗା, ଶାସନ କରିବେ ଲାଲଦୁହୋମା

ଭୁବନେଶ୍ୱର,୪।୧୨(ପି.ଏନ): ମିଜୋରାମରେ କ୍ଷମତାସୀନ ମିଜୋ ନ୍ୟାଶନାଲ ଫ୍ରଣ୍ଟ (ଏମଏନଏଫ)ର ପତନ ହୋଇଛି। ଜୋରାମ ପିପୁଲ୍ସ ମୁଭମେଣ୍ଟ(ଡଚଗ) ମିଜୋରାମ ବିଧାନସଭା ନିର୍ବାଚନରେ କ୍ଷମତା ଦଖଲ କରିଛି।ଏମଏନଏଫ ସରକାର ଗଠନ ପାଇଁ ଆବଶ୍ୟକ ମ୍ୟାଜିକ ନମ୍ବର ୨୧ ଠାରୁ ଯଥେଷ୍ଟ ପଛରେ ରହି ଯାଇଛି। ମୁଖ୍ୟମନ୍ତ୍ରୀ ଜୋରାମଥାଙ୍ଗା ମଧ୍ୟ ନିଜ ଆସନରେ ହାରି ଯାଇଛନ୍ତି। ଏପରି ଡବଲ ବିପର୍ଯ୍ୟୟ ପରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି ଜୋରାମଥାଙ୍ଗା।

## ୩୪ ତମ କୋଣାର୍କ ଉତ୍ସବର ଚତୁର୍ଥ ସଂଧ୍ୟା
## ମୋହିନୀୟାଟମ୍‌ରେ ଶିବତତ୍ତ୍ୱ ଓ ଓଡିଶୀରେ କୃଷ୍ଣ ରସ ମନ୍ତ୍ରମୁଗ୍ଧ କଲା

କୋଣାର୍କ,୪।୧୨(ପି.ଏନ): ଶାସ୍ତ୍ରୀୟ ନୃତ୍ୟରେ ପୌରାଣିକ ପ୍ରସଙ୍ଗର ଅବତାରଣା ଭାବ ଓ ଭକ୍ତିର ସଂଚାର କରେ । ଏହି ଉକ୍ତିର ସତ୍ୟତାକୁ ପ୍ରକାଶ କରିଥିଲା ଅର୍କକ୍ଷେତ୍ର ସୂର୍ଯ୍ୟମନ୍ଦିର ପାଦଦେଶ ଅନ୍ତର୍ଗତ ମୁକ୍ତାକାଶ ରଙ୍ଗମଞ୍ଚ । ପର୍ଯ୍ୟଟନ ବିଭାଗ ଆୟୋଜିତ କୋଣାର୍କ ଉତ୍ସବର ଚତୁର୍ଥ ସଂଧ୍ୟାକୁ ରସମୟ କରିବା ପାଇଁ ମଞ୍ଚ ପ୍ରବେଶ କରିଥିଲେ ମୋହିନୀୟାଟମ୍ ? ନୃତ୍ୟ ପଟ୍ଟୟସୀ ପଲ୍ଲବୀ କ୍ରିଷ୍ଣନ୍ । କେରଳର ଲସ୍ୟ ଏକାଡ ?ମୀ ଅଫ୍ ? ମୋହିନୀୟାଟମ୍ ?ର ଶିଳ୍ପୀଙ୍କ ସହ ପଲ୍ଲବୀଙ୍କର ପ୍ରଥମ ପ୍ରସ୍ତୁତିରେ ଆଦି ଶଙ୍କରାଚାର୍ଯ୍ୟ ବିରଚିତ ନମଃ ଶିବାୟ ପଞ୍ଚାକ୍ଷର ଆଧାରରେ ଶିବତତ୍ତ୍ୱର ମଞ୍ଚାୟନ ହୋଇଥିଲା । ଦ୍ୱିତୀୟ ଚରଣରେ ମାଲାୟାଲମ୍ ? ସାହିତ୍ୟରେ ବର୍ଣ୍ଣିତ ବୌଦ୍ଧ ସନ୍ନ୍ୟାସୀ ଉପଗୁପ୍ତ ଓ ରୂପସୀ ବାସବଦତ୍ତାଙ୍କ କାହାଣୀକୁ ନେଇ ଉପସ୍ଥାପିତ ହୋଇଥିଲା ନୃତ୍ୟ ସଂରଚନା କରୁଣା । ବୌଦ୍ଧ ସନ୍ନ୍ୟାସୀଙ୍କ କରୁଣାରେ ସକଳ ଧନ ସମ୍ପଦର ମୋହ ଓ ରୂପ ଲାବଣ୍ୟର ମାୟାକୁ ପରିହାର କରି ସୁନ୍ଦରୀ ବାସବଦତ୍ତାଙ୍କର ଆତ୍ମିକ ଉତ୍ତରଣକୁ ମଞ୍ଚସ୍ଥ କରିଥିଲେ କେରଳର ସୁପ୍ରସିଦ୍ଧ ନୃତ୍ୟାଙ୍ଗନା ଗଣ । ଦ୍ୱିତୀୟ ପର୍ଯ୍ୟାୟରେ ଓଡିଶୀର ରାଗ-ରସ-ରଙ୍ଗର ପସରା ଧରି ମଞ୍ଚକୁ ଆସିଥିଲେ ସୁବିଖ୍ୟାତ ନୃତ୍ୟ ବିଦୁଷୀ ଦକ୍ଷା ମଶ୍ରୁୱାଲା । କୈସିକି ଡ୍ୟାନ୍ସ ଏକାଡ ?ମୀ, ମୁମ୍ବାଇର ଶିଳ୍ପୀଗଣଙ୍କ ପ୍ରସ୍ତୁତିରେ ଥିଲା ଭାରତୀୟ ରାଗ ରାଗିଣୀ ଓ ମାତୃ ଶକ୍ତିର ପ୍ରକାଶ ସମ୍ବଳିତ ରାଗମାଳ । ପରେ ପରେ ଶୁଦ୍ଧ ନୃତ୍ୟ ଯୋଗ ପଲ୍ଲବୀ ରାଗ ଓ ତାଳକୁ ନେଇ ବିସ୍ତାରିତ ହୋଇଥିଲା । କବି ମନମାଳୀଙ୍କ ରଚନାରୁ ପ୍ରାଣ ସଙ୍ଗିନୀରେ କାଲି ମୁଁ କି ଲାଜେ ବୁଡିଲିର ଅଭିନୟରେ ରାଧା-କୃଷ୍ଣ ମିଳନର ଶୃଙ୍ଗାରିକ ଅନୁଭବକୁ ପରଶି ଦେଇଥିଲେ ଶିଳ୍ପୀଗଣ । ଅନ୍ତିମ ଲଗ୍ନରେ ଉପନିଷଦ ବର୍ଣ୍ଣିତ ଶାନ୍ତି ମନ୍ତ୍ର ସହ ନୃତ୍ୟରେ ଉପସଂହାର ଆଣିଥିଲେ ଶିଳ୍ପୀମାନେ ।ଚତୁର୍ଥ ସଂଧ୍ୟାର ଅତିଥିଭାବେ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ ?ଳନ କରିଥିଲେ ମୁମ୍ବାଇର ପୂର୍ବତନ ପୋଲିସ କମିଶନର ଅରୂପ ପଟ୍ଟନାୟକ; ଓଡିଶା ସଙ୍ଗୀତ ନାଟକ ଏକାଡ ?ମୀର ସଭାପତି ଗୁରୁ ଅରୁଣା ମହାନ୍ତି ଓ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ । ଡଃ. ମୃତ୍ୟୁଞ୍ଜୟ ରଥ ଓ ସଂହତି ପାଣିଙ୍କ ସଂଯୋଜନାରେ ପ୍ରସ୍ତୁତ ହୋଇଥିବା ପ୍ରତିଟି ନୃତ୍ୟ ଉପସ୍ଥାପନା ବେଶ ମନଛୁଆଁ ହୋଇଥିଲା । ଓଡିଶା ସଂଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ, ଡଃ ସଂଗୀତା ଗୋସାଇଁ, ପର୍ଯ୍ୟଟନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।ଚତୁର୍ଥ ଦିନରେ ଓଡିଶା ପର୍ଯ୍ୟଟନ ବିଭାଗ ଦ୍ୱାରା ଅନୁଷ୍ଠିତ ଆନ୍ତର୍ଜାତୀୟ ବାଲୁକା କଳା ଉତ୍ସବରେ ଅତିଥି ଦେବୋଃ ଭବୋଃ ଓ ଜଳବାୟୁ ପରିବର୍ତ୍ତନ ଉପରେ ଶିଳ୍ପିମାନଙ୍କ ଦ୍ୱାରା ବାଲୁକା କଳା ପ୍ରଦର୍ଶୀତ ହୋଇଥିଲା ।

## ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଜୀ ସ୍ୱାଭିମାନ, ସଂଘର୍ଷ, ସାମାଜିକ ସମରସତା ଓ ସମର୍ପଣର ପରିଚୟ:ଧର୍ମେନ୍ଦ୍ର ପ୍ରଧାନ



ତାଳଚେର, ୪।୧୨(ପି.ଏନ): ପରମପୂଜ୍ୟ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଜୀ ସ୍ୱାଭିମାନ, ସଂଘର୍ଷ, ସାମାଜିକ ସମରସତା ଓ ସମର୍ପଣର ପରିଚୟ । ଆଜି ଅନୁଗୋଳ ଜିଲ୍ଲା ତାଳଚେର ବ୍ଲକ ଗୁରୁଜଙ୍ଗ ଠାରେ ଉନ୍ମୋଚିତ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଜୀଙ୍କ ଭବ୍ୟ ପ୍ରତିମୂର୍ତ୍ତି ସ୍ୱାମୀଜୀଙ୍କ ବିଚାର ଓ ଗୁରୁଜାଙ୍ଗ ଗ୍ରାମର ଅତୀତର ସଂସ୍କାରକୁ ପୁନର୍ଜୀବିତ କରିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ପିଲାଟି ଦିନରୁ ମୁଁ ସ୍ୱାମୀଜୀଙ୍କର ଅନୁଯାୟୀ ଓ ଭକ୍ତ ଭାବେ ତାଙ୍କର ଆଦର୍ଶରେ ଅନୁପ୍ରାଣିତ । ଓଡ଼ିଶାର ସମସ୍ୟା ଓ ବିପଦ କ'ଣ ଏବଂ ଏହାକୁ ସମାଧାନ କରିବା ପାଇଁ ଯୁବବର୍ଗଙ୍କ ଭୂମିକା କ'ଣ, ତାହା ଉପରେ ସେ ଆମକୁ ମାର୍ଗଦର୍ଶନ ଦେଇଥିଲେ । ସମାଜର ଥିବା କଷ୍ଟ ଓ ଦୁଃଖରୁ ଉର୍ଦ୍ଧ୍ୱରେ ରହି ସମସ୍ୟାର ସମାଧାନ କରିବା ସହ ଅନ୍ୟାୟ ହେଲେ ବି ପ୍ରଭାବଶାଳୀ ଲୋକଙ୍କ ବିରୋଧରେ ଲଢିବାକୁ ପଛାଇବା ନାହିଁ, ଏପରି ବିଚାର ସେ ରଖୁଥିଲେ । ସମାଜର ବଂଚିତ ବର୍ଗଙ୍କ ସେବା ପାଇଁ ଜନସାଧାରଣଙ୍କ ମଧ୍ୟରେ ସମର୍ପଣ ଭାବନା ତିଆରି କରିବା ପାଇଁ ସ୍ୱାମଜୀ ପ୍ରେରିତ କରୁଥିଲେ । ସେ ଓଡ଼ିଶାରେ ସମାଜିକ ସମରସତାର ସବୁଠୁ ବଡ ଉଦାହରଣ ତିଆରି କରିଥିଲେ । ଏହି ଅଲୌକିକ ଦୁନିଆରେ ସ୍ୱାମୀ ଲକ୍ଷ୍ମଣାନନ୍ଦଜୀ ସମସ୍ତଙ୍କର, ସମଗ୍ର ଦେଶ ଓ ବିଶ୍ୱର, ସମସ୍ତ ସନାତନୀ ମାନଙ୍କର । ଓଡ଼ିଶାର ଉପାନ୍ତ ଅଞ୍ଚଳ କନ୍ଧମାଳ ସେ ଜାତି, ଧର୍ମ ଓ ଦେଶ ପାଇଁ ବଳିଦାନ ବଳିଦାନ ଦେଇଥିଲେ । ସ୍ୱାମୀ ଲକ୍ଷ୍ମଣାନନ୍ଦଜୀଙ୍କ ଜନ୍ମସ୍ଥାନରେ ତାଙ୍କ ସ୍ମୃତିରେ ଭକ୍ତ ମାନଙ୍କର ଆଗ୍ରହ ଓ ପ୍ରଚେଷ୍ଟା କାରଣରୁ ଆଜି ତାଙ୍କର ଏକ ପୂର୍ଣ୍ଣ ଅବୟବ ମୂର୍ତ୍ତି ଉନ୍ମୋଚନ ହୋଇଅଛି । ତାଙ୍କର ଏହି ପ୍ରତିମା ଏକ ସଙ୍କ ?ତ ନୁହେଁ ବରଂ ବିଚାରଧାରା, ସଂସ୍କାର ଓ ପରମ୍ପରା ମଧ୍ୟ । ତାଙ୍କର ଏହି ପ୍ରତିମା ପ୍ରେରକ ହେବା ଦରକାର । ଆଜିର ଦିନରେ ତାଙ୍କ ବିଚାରକୁ ପାଥେୟ କରି ଆମେ ସ୍ୱାମୀଜୀଙ୍କ ବ୍ୟକ୍ତିତ୍ୱକୁ ବ୍ୟାପକ କରିବା । ଲୋକଙ୍କୁ ଆତ୍ମନିର୍ଭର କରିବା ସହ ସ୍ୱାବଲମ୍ବୀ ଓ ସ୍ୱାଭିମାନୀ ବନାଇବା । ତାଙ୍କର ବିଚାର ଓ ଗୁରୁଜାଙ୍ଗର ସଂସ୍କାରକୁ ପୁନବିଚାର କରିବା । କନ୍ଧମାଳରେ ଗାଁରେ ଗାଁରେ ସେ ଯେଉଁଭଳି ଭାବରେ ଜନଜାତି ପିଲାଙ୍କୁ ସଂସ୍କାର ଦେଉଥିଲେ ସେହିଭଳି ଭାବରେ ତାଙ୍କର ଜନ୍ମମାଟି ଗୁରୁଜାଙ୍ଗରେ ମଧ୍ୟ ଛାତ୍ରଛାତ୍ରୀଙ୍କୁ ସେହି ସଂସ୍କାରରେ ସଂସ୍କୃତ ସହ ବେଦ ପଢାଇବାର ଯୋଜନା କରିବା ବୋଲି ଶ୍ରୀ ପ୍ରଧାନ କହିଛନ୍ତି । କେବଳ ସ୍ୱାମୀଜୀ ନୁହେଁ ବରଂ ତାଳଚେରର ସ୍ୱାଧୀନତା ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନ ଯେତେବେଳେ ଇଂରେଜ ମାନଙ୍କ ଅତ୍ୟାଚାର ସହ ଲଢେଇ କରୁଥିଲେ । ତାଙ୍କୁ ଏହି ଗାଁର ସାହସୀ ଲୋକମାନେ ସୁରକ୍ଷା ଦେଇଥିଲେ । ଅବିର ପେଣ୍ଠୋଇ, ରତ୍ନାକର କର, ଘନଶ୍ୟାମ କର, ସଦାଶିବ ପାଣି, ପ୍ରମୋଦ ପାଣି, ଉଦୟନାଥ ପାଣି, ବିଭୀଶ୍ୟାମ ପାଣିଙ୍କ ଭଳି ଅନେକ ସହଯୋଗୀଙ୍କ ସହଯୋଗ ପାଇଁ ସେ ବାହାରେ ରହି ଦେଶ ମାତୃକାର ସେବା ପାଇଁ ଯୋଜନା କରିଥିଲେ । ସ୍ୱାମୀଜୀ ଓ ପବିତ୍ର ମୋହନ ପ୍ରଧାନଙ୍କ ଆମ ପୂର୍ବଜଙ୍କ ବିଚାରକୁ ମଧ୍ୟ ବ୍ୟାପକ କରିବା ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୪ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

–ପ୍ରକାଶକ








# ଟି ଟାଇମ୍

## ଜୋକ୍ସ



ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?
ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା
ଶିକ୍ଷକ-କେଉଁଠି ପଡିଗଲ ଆଉ କ'ଣ ଲାଗିଗଲା ?
ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

## ପୁରାଣ କାହାଣୀ

# ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତରକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା' ମା କଥା ମନେ ପଡିଲା । ମା'ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ଦାନ୍ତରେ ଟାଟୁ



ଅତ୍ୟାଧୁନିକା ମହିଳାମାନେ ସବୁବେଳେ ଚାହାନ୍ତି କେମିତି ନିଜକୁ ଭିନ୍ନ ଶୈଳୀରେ ପ୍ରଦର୍ଶିତ କରିବେ ଏବଂ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବେ। ଆଜିକାର ଫ୍ୟାଶନ ଯୁଗରେ ଏଭ୍ରି ଅଡ୍ ଇଜ୍ ଏ ଷ୍ଟାଇଲକୁ ମଧ୍ୟ କେତେକ ଗ୍ରହଣ କରି ସେହିପରି ଢଙ୍ଗରେ ନିଜକୁ ସଜାଉଛନ୍ତି। ଏବେ ଏବେ ସୌନ୍ଦର୍ଯ୍ୟ ସଚେତନ ତରୁଣୀମାନେ ଦାନ୍ତରେ ଟାଟୁ ଆଙ୍କିବା ଦିଗରେ ବେଶି ଢଳୁଥିବା ପରିଲକ୍ଷିତ ହେଉଛି, ଯେମିତି କିଛି ବର୍ଷ ତଳେ 'ନାହିମୁଦି' ଫ୍ୟାଶନ ଅନେକଙ୍କୁ କିମିଆ କରିଥିଲା। ଦାନ୍ତରେ ଟାଟୁ ଆଙ୍କିବା ନୂଆ କଥା ନୁହେଁ। ଆଠଦଶ ବର୍ଷ ତଳେ ଦାନ୍ତରେ ଟାଟୁ କରି ହିପ୍‌ହପ୍ ଗାୟିକା, ନୃତ୍ୟାଙ୍ଗନା ଓ ମେଡଲମାନେ ବିଭିନ୍ନ ଶୋ'କୁ ଆସିବା ପରେ ଏହାର ଚାହିଦା ବଢିବଢି ଚାଲିଛି। କିଶୋରୀ, କଲେଜ ଛାତ୍ରୀଠୁ ଆରମ୍ଭ କରି ପଇଁତିରିଶ ବର୍ଷ ଭିତରର ମହିଳାଙ୍କୁ ଦାନ୍ତରେ ଟାଟୁ ବେଶ୍ ମାନିବ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞମାନେ କହନ୍ତି। ଅସ୍ଥାୟୀ ଓ ସ୍ଥାୟୀ ଭାବେ ଦାନ୍ତରେ ଟାଟୁ କରିହେବ।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟପ୍ଟ ୟୁନିଭରସଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ଚ୍ଚିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି 'ମେରାଲଜିଆ ପାରେସ୍ଥଟିକା' ବା 'ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ'। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାର୍ଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ୍ୟ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ ନ୍ଲିନିକ ଓ୍ୱେବସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲିଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବୁକକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।




# ଦେଶରେ ମହିଳା ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି: ସମୀର ମହାନ୍ତି

ଭୁବନେଶ୍ୱର,(ପି.ଏନ): ମହାନ କ୍ରାନ୍ତିକାରୀ, ସମାଜ ସୁଧାରକ ଜ୍ୟୋତିବା ଫୁଲେଙ୍କ ଜନ୍ମଜୟନ୍ତୀ ଅବସରରେ ସିନର୍ଜି ଇଷ୍ଟିଚ୍ୟୁଟ ଅଫ ଟେକନୋଲୋଜିଠାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଭେଟି ଜ୍ୟୋତିବା ଫୁଲେଙ୍କ ଦେଶପ୍ରତି ଅବଦାନ ବିଷୟରେ ଅବଗତ କରାଇଥିଲେ। ଯେତେବେଳେ ଦେଶରେ ନାରୀ ଶିକ୍ଷା ପ୍ରତି ଆଦୌ ଧ୍ୟାନ ଦିଆଯାଉନଥିଲା ସେତେବେଳେ ଜ୍ୟୋତିବା ଫୁଲେ ମହିଳାମାନଙ୍କ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରୁଥିଲେ। ଜ୍ୟୋତିବା ଫୁଲେ ତାଙ୍କ ପତ୍ନୀ ସାବିତ୍ରୀବାଇ ଫୁଲେଙ୍କ ସହିତ ମିଶି ପୁନେଠାରେ ମହିଳାମାନଙ୍କ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ନିମନ୍ତେ ବାଳିକା ବିଦ୍ୟାଳୟ ସ୍ଥାପନ କରି ନାରୀ ଶିକ୍ଷା ଶିକ୍ଷାଦ୍ୱାରା ସମାଜର ଅଗ୍ରଗତି ସମ୍ଭବ ବୋଲି ବାର୍ତ୍ତା ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜ୍ୟୋତିବା ଫୁଲେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମହିଳାଙ୍କ ପ୍ରତି ବିଭିନ୍ନ ଯୋଜନା ମଧ୍ୟ କରିଛନ୍ତି। ମହିଳାମାନଙ୍କ ପାଇଁ ଶୌଚାଳୟ, ଉଜ୍ଜ୍ୱଳା, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଯୋଜନା, ପୋଷଣ ଅଭିଯାନ ଭଳି ଯୁଗାନ୍ତକାରୀ ପଦକ୍ଷେପମାନ ନେଇ ମହିଳାଙ୍କୁ ସମ୍ମାନ, ସ୍ୱାଭିମାନ ଓ ସଶକ୍ତ କରିବାକୁ ତାଙ୍କ ସରକାରରେ ଅନେକ ଯୋଜନା କରିଥିବାରୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ବିନୋଦ ଦାଶ, ଇଷ୍ଟିଚ୍ୟୁ ନିର୍ଦ୍ଦେଶକ ଚନ୍ଦ୍ରସେନ ଜଗତଦେଓ, ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଅର୍ପିତା ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଲିଜଧାରୀ ନିୟମ ବୈହିର୍ଭୁତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲଓ୍ୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଟାବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି। ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ଲେନ ମେସିନ ମାଧ୍ୟମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି। ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି। ୦.୩ ମିଟର ହିସାବରେ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ସରକାର ଉକ୍ତ ସୈରାତ୍‌କୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି। ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାର୍ଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ। ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ୍ୟ ନିୟମର ସର୍ତ୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି। ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍‌ଧାରୀ ଏହାର ସମ୍ପୂର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଳି ଡମ୍ଫର ସାହାଯ୍ୟର ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି। ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗଣ୍ଡ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦାରଣ ମଧ୍ୟ ରହିଛି। ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଈ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ୍ୟ ପିଇ ପାରୁ ନାହାନ୍ତି। ରାଜ୍ୟ ପରିବେଶ ଓ ପ୍ରଭାବ ମୂଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୁଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବୈହିର୍ଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍‌ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି।

# ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଆଜି ପୂର୍ବାହ୍ନରେ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଙ୍ଘନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଙ୍ଘନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି। ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି। ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି। ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧିକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ। ରାସ୍ତାର ୨ ପାଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟବିତ କରାଉଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି। ଓଟି ରୋଡରେ ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରିର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହା କୁ ଜାତୀୟ ସ୍ତରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ। ବ୍ରିଜ ଅଞ୍ଚଳର କରୋନା ମହାମରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ। ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭା ଯାତ୍ରାରେ ସାମିଲ ହୋଇଥିଲେ।

# କୁଡୁମୁଲୁଗୁମ୍ମା ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ

ମାଲକାନଗିରି, (ପି.ଏନ)କୁଡୁମୁଲୁଗୁମ୍ମା ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ବୈଠକ ଗୃହରେ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଜିର ବୈଠକରେ ମୁଖ୍ୟ ଅତିଥି ଭାବେ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ବାକା ଯୋଗ ଦେଇଥିଲା ବେଳେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଖଇରପୁଟ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ବଳି ମାଝୀ, ସରପଂଚ ମଙ୍ଗଳା ମାଢୀ, ବିଧାୟକ ପ୍ରତିନିଧି ସାଧୂ ହନ୍ତାଳ, ଲ୍ୟାମ୍ପ ସଭାପତି ଗୋପୀ ପାଙ୍ଗୀ, ଆରକେଏସ୍ ସଭ୍ୟ ବାଳକୃଷ୍ଣ ପ୍ରଧାନ ଓ ଭଗବାନ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ବୈଠକରେ ଆବାହକ କୁଡୁମୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡ଼ଃ ସନ୍ତୋଷ କୁମାର ଷଡ଼ଙ୍ଗୀ ସଭାପତିତ୍ୱ କରିଥିଲେ ଓ ବିପିଏମ୍ ପ୍ରଦିପ୍ତ ମୋହନ ଗୌଡ଼ ଓ ବାମ୍ ଅଧିକାରୀ ସମୀର ଚନ୍ଦ୍ର ବେପାରୀ ପ୍ରମୁଖ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଗତ ବୈଠକର ବିବରଣୀ ପଠନ କରାଯିବା ସହ ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟ ମାନଙ୍କ ଉପରେ ଆଲୋଚନା କରାଯାଇ ଏକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଥିଲା । ମୁଖ୍ୟ ପ୍ରସଙ୍ଗ ମାନଙ୍କ ମଧ୍ୟରେ, ରୋଗୀ ମାନଙ୍କ ପିଇବା ପାଇଁ ଗରମପାଣି ର ଆବଶ୍ୟକତା କୁ ଗୁରୁତ୍ୱ ଦେଇ ଏକ ହଟ୍ ଏଣ୍ଡ କୋଲ୍ଡ ଓ୍ୱାଟର ଫିଲ୍ଟର ର କିଣିବା, କମ୍ପ୍ୟୁଟର ଥିବା ପ୍ରକୋଷ୍ଠ ଗୁଡ଼ିକରେ ସମ୍ପୂର୍ଣ୍ଣ ଆର୍ଥିଙ୍ଗ ବ୍ୟବସ୍ଥାକୁ ସୁଦୃଢ଼ କରିବା, ମେଡିକାଲ କର୍ମଚାରୀ ମାନଙ୍କ ରହୁଥିବା ଗୃହ ଗୁଡ଼ିକୁ ଯଥାସମ୍ଭବ ମରାମତି ସହ କିଛି ଲ୍ୟାବ୍ ଉପକରଣ ଆଣିବା ସମ୍ବନ୍ଧରେ ନିଷ୍ପତ୍ତି ହେଇଥିଲା ।

## ବଲାଙ୍ଗିର ପୌରାଂଚଳ ସଫେଇ କର୍ମଚାରୀ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ରୋଗ ଚିହ୍ନଟ ଶିବିର

ବଲାଙ୍ଗିର ,(ପି.ଏନ):ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର କନ୍ଧପାଲି ପଡ଼ା ଯାହା (ରାଜେନ୍ଦ୍ର ଯୁବକ ସଂଘ ଦ୍ୱାରା ପରିଚାଳିତ) ତରଫରୁ ବଲାଙ୍ଗିର ପୌରାଂଚଳ ସଫେଇ କର୍ମଚାରୀ ଓ ତାଙ୍କ ପରିବାର ଲୋକଙ୍କ ଅଣସଂକ୍ରାମକ ରୋଗ ଚିହ୍ନଟ ସ୍ୱାସ୍ଥ୍ୟ ଶିବିର କଲେଜ ଛକ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଥିଲା। ଶିବିର କୁ ବଲାଙ୍ଗିର ପୌର ସଂସ୍ଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର ଯୋଗ ଦେଇ ଉଦ୍ଘାଟନ କରିଥିଲେ। ମୁନସୀ ପାଲଟି ସ୍ୱାସ୍ଥ୍ୟ ପରିଦର୍ଶକ ଦେବେଶ ରାଉତ, ସାନିଟାରୀ ଇଁଚାର୍ଜ୍ ଭୀଷ୍ମ ସାହୁ, ଗରିମା ଇଂଚାର୍ଜ ଈଶ୍ୱର ଦତ୍ତ ଦୀପ ସ୍ଥାନୀୟ କାଉନସିଲର ଓ ମହିଳା ଆରୋଗ୍ୟ ସମିତି ର ସମସ୍ତ ସଦସ୍ୟ ମାନେ ମିଶି ସମସ୍ତ କର୍ମଚାରୀ ଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା ରେ ସହଯୋଗ କରିଥିଲେ ।

# ପୁରୀ ପାଇଁ ଐତିହାସିକ ଦିନ :ମୁଖ୍ୟମନ୍ତ୍ରୀ

ପୁରୀ/ ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ): ପୁରୀରେ ଶ୍ରୀଜଗନ୍ନାଥ ମେଡ଼ିକାଲ କଲେଜ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଲୋକାର୍ପଣ ସମାରୋହରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ ଭର୍ଚ୍ଚୁଆଲ ମାଧ୍ୟମରେ ଯୋଡ଼ି ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହା ପୁରୀ ପାଇଁ ଐତିହାସିକ ଦିନ। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପ୍ରଚେଷ୍ଟାରେ ପୁରୀବାସୀଙ୍କ ସେବା କରିବାରେ ଏହି ଶିକ୍ଷାନୁଷ୍ଠାନ ନାଁ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ। ଅପରପକ୍ଷରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ମାଣ୍ଡଭୀୟ ଓଡ଼ିଶାବାସୀଙ୍କୁ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ଉପଲବ୍ଧ କରିବା ପାଇଁ ଆୟୁଷ୍ମାନ ଯୋଜନା ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି। ଏହି ଯୋଜନା ଲାଗୁ ହେବା ଦ୍ୱାରା ଓଡ଼ିଆ ଲୋକମାନେ ଲାଭ ପାଇବେ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭଲ ରହିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମ ପରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ କହିଥିଲେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କ୍ଷେତ୍ରରେ ଏକ ଉନ୍ନତମାନର ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି। ଏହାଦ୍ୱାରା ମେଧାବୀ ଛାତ୍ରଛାତ୍ରୀମାନେ ମେଡିକାଲ ପାଠ ପଢିବା ସହିତ ପୁରୀ ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭ ହେଲା। କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଭବିଷ୍ୟତରେ ଭଲ ଡାକ୍ତର ହୋଇ ନିଷ୍ପାପର ଭାବେ ଉତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଓ ଛାତ୍ରଛାତ୍ରୀ ମାନଙ୍କ ଉଦ୍ୟମରେ ଏହି କଲେଜ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ପୁରୀର ଶ୍ରୀ ସମ୍ବିତ ନାୟକ, ରାଜସ୍ଥାନର ପ୍ରଗତୀ ମୀନା ଓ ଓଡିଶାର ଶ୍ରୀ ସିଦ୍ଧାର୍ଥ ସାହୁ ପ୍ରମୁଖ ଛାତ୍ରଛାତ୍ରୀ ଏହି ଆଲୋଚନାରେ ଭାଗ ନେଇ ପୁରୀରେ ପଢିବାର ସୁଯୋଗ ପାଇଥିବାରୁ ଖୁସି ପ୍ରକାଶ କରି ଭବିଷ୍ୟତରେ ଚିକିତ୍ସା ସେବା କ୍ଷେତ୍ରରେ ପ୍ରତିଶୃତିବଦ୍ଧ ହୋଇ କାମ କରିବେ ବୋଲି କହିଥିଲେ। ପିଲାମାନେ କଲେଜର ଭିତିଭୂମିର ଉଚ୍ଚପ୍ରଶଂସା କରିଥିଲେ। ଛାତ୍ରଛାତ୍ରୀଙ୍କ ସହ ମତ ବିନିମୟ କରିବା ଅବସରରେ ଶ୍ରୀ ମାଣ୍ଡଭୀୟ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ସୁଲଭ ଓ ସର୍ବବ୍ୟାପୀ କରିବା ପାଇଁ ମେଡ଼ିକାଲ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଯେ ପୁରୀ ଜଗନ୍ନାଥ ମନ୍ଦିର ଯାଇ ଦର୍ଶନ କରିବା ଓ ମହାପ୍ରସାଦ ସେବନ କରିବା ଆମ ପାଇଁ ଗର୍ବର ବିଷୟ । ସେହି ପବିତ୍ର ଧାମରେ ରହି ମେଡ଼ିକାଲ ଶିକ୍ଷା ଲାଭ କରିବା ଛାତ୍ରଛାତ୍ରୀଙ୍କ ପାଇଁ ଗର୍ବର ବିଷୟ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ରହିଛି ସ୍ୱାସ୍ଥ୍ୟସେବା ସୁଲଭ ଏବଂ ସର୍ବବ୍ୟାପୀ ହେବା ଦରକାର । ଏଥିପାଇଁ ଏକ ଡ଼ାକ୍ତର ରୂପରେ ଛାତ୍ରଛାତ୍ରୀଙ୍କୁ ଦୂର, ସୁଦୂର, ଗାଁ ଯେଉଁଠି ବି ଦାୟିତ୍ୱ ମିଳୁଛି, ସେମାନେ ଗରିବଙ୍କ ସେବା କରିବା ପାଇଁ ନିଜକୁ ଉତ୍ସର୍ଗ କରିବା ସହ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ରରେ ଯୋଗଦାନ ରଖନ୍ତୁ । ମୋଦି ସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ରାଜ୍ୟରେ ଅନେକ ମେଡ଼ିକାଲ କଲେଜ ଆରମ୍ଭ କରିଛନ୍ତି ଏବଂ ଆଗାମୀ ଦିନରେ ଅନେକ ମେଡ଼ିକାଲ କଲେଜ କାର୍ଯ୍ୟକ୍ଷମ ହେବାକୁ ଯାଉଛି । ଓଡ଼ିଶା ସମେତ ଦେଶର ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ନେଇ ଉତମ ଡ଼ାକ୍ତର ହୁଅନ୍ତୁ ଏବଂ ସରକାରୀ ବ୍ୟବସ୍ଥାକୁ ଉପଯୋଗ କରି ରାଜ୍ୟ ଓ ରାଷ୍ଟ୍ର ନିର୍ମାଣରେ ନିଜର ଯୋଗଦାନ ରଖନ୍ତୁ । ସୁନ୍ଦରଗଡ଼ରେ ଏନଟିପିସି ତରଫରୁ ହସ୍ପିଟାଲ ହୋଇଛି । ତାଳଚେରରେ କୋଲ ଇଣ୍ଡିଆ ୧ ହଜାର କୋଟି ଟଙ୍କା ଖର୍ଚ୍ଚ କରି ମେଡ଼ିକାଲ କଲେଜ ନିର୍ମାଣ କରିଛି । ମୋଦି ସରକାରଙ୍କ ସମୟରେ ଓଡ଼ିଶାରେ ସ୍ୱାସ୍ଥ୍ୟ ସୁବିଧା, ମେଡ଼ିକାଲ କଲେଜ ଓ ସିଟ୍ ସଂଖ୍ୟା ବୃଦ୍ଧି ପାଉଛି । ଏହାର ଲାଭ ଓଡ଼ିଶାକୁ ମିଳିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ କହିଛନ୍ତି ।

ଏହି ଉତ୍ସବରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ,ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା , ପୁରୀ ସାଂସଦ ପିନାକୀ ମିଶ୍ର,ଫାଇଭ - ଟି ସଚିବ ଭି.କେ ପାଣ୍ଡିଆନ , ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି, ରାଜ୍ୟ ଯୋଜନା ବୋର୍ଡ଼ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ଓ ଜିଲ୍ଲାର ସମସ୍ତ ବିଧାୟକ ପ୍ରମୁଖ ଯୋଗ ଦେଇଥିଲେ । ଏହି କଲେଜରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ୧୦୦ଟି ଏମବିବିଏସ ଆସନ ରହିଛି । ଏହାଦ୍ୱାରା ର୍ବମାନ ସାରା ରାଜ୍ୟରେ ୮ଟି ସରକାରୀ ମେଡିକାଲ କଲେଜର ସମୁଦାୟ ଏମବିବିଏସ ଆସନ ସଂଖ୍ୟା ୧୨୫୦କୁ ବୃଦ୍ଧି ପାଇଛି । ମେଡିକାଲ କଲେଜ ସହିତ ୬୫୦ ଆସନ ବିଶିଷ୍ଟ ଏକ ସାତ ମହଲା ବିଶିଷ୍ଟ ଶିକ୍ଷା ହସ୍ପିଟାଲ ନିର୍ମାଣ ପାଇଁ ମଧ୍ୟ କାମ ଚାଲିଛି । ଏହି ଶିକ୍ଷା ହସ୍ପିଟାଲ ଜୁଲାଇ ୨୦୨୩ ସୁଦ୍ଧା ଏହା ସଂପୂର୍ଣ୍ଣ ହେବ ବୋଲି ଜଣାଯାଇଛି । ବର୍ତମାନ ଏହି କଲେଜ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶିକ୍ଷା ହସ୍ପିଟାଲ ଭାବେ କାର୍ଯ୍ୟ କରୁଛି। ପୁରୀକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବାରୁ ଏହି ମେଡିକାଲ କଲେଜ ଓ ହସ୍ପିଟାଲ ଜିଲ୍ଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

# ନେସନାଲ କଲେଜ ଠାରେ ଆନ୍ତଃ ବିଶ୍ୱବିଦ୍ୟାଳୟ ସ୍ତରୀୟ କବାଡି ପ୍ରତିଯୋଗିତା ଅନୁଷ୍ଠିତ



ନୂଆପଡା,(ପି.ଏନ): କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ଆନ୍ତଃ ବିଶ୍ୱବିଦ୍ୟାଳୟ ସ୍ତରୀୟ କବାଡି ପ୍ରତିଯୋଗିତା ନୂଆପଡ଼ା ନେସନାଲ କଲେଜ ଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପ୍ରତିଯୋଗିତାରେ ବାଳକ ବିଭାଗରେ ୧୨ ଟି ଓ ବାଳିକା ବିଭାଗରେ ୪ ଦଳ ଭାଗ ନେଇଥିଲେ । ବାଳକ ବିଭାଗ ରେ ମହାମାୟା ଡିଗ୍ରୀ କଲେଜ, କେସିଙ୍ଗା କଲେଜ, ଶ୍ରୀସାଇ କଲେଜ କୁରୁମ ପୁରୀ, ବଡ଼ର ଡିଗ୍ରୀ କଲେଜ ଏବିଡ଼. ଖରିଆର ସ୍ୱଂୟଶାସିତକଲେଜ, କରଲାପଡା କଲେଜ , କଳାହାଣ୍ଡି ବିଶ୍ୱବିଦ୍ୟାଳୟ, ସରସ୍ୱତୀ ଆଇଟି ଏଣ୍ଡ ମେନେଜମେଣ୍ଟ କଲେଜ ଭବାନୀପାଟଣା, ନେସନାଲ କଲେଜ ନୂଆପଡା,ବାଳିକା ବିଭାଗ ରେ ମହାମାୟା ଡିଗ୍ରୀ କଲେଜ, ଖରିଆର ସ୍ୱାୟଂ ଶାସିତ, କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଓ ନେସନାଲ କଲେଜ, ମୋଡେଲ ଡିଗ୍ରୀ କଲେଜ ଖରିଆର ଭାଗ ନେଇଥିଲେ । ବାଳକ ଓ ବାଳିକା ବିଭାଗରେ ନେସନାଲ କଲେଜ ଚ଼ାମ୍ପିୟନ ହୋଇଥିବାବେଳେ ରନର୍ସ ହୋଇଥିଲେ ବାଳକ ବିଭାଗରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଓ ବାଳିକା ବିଭାଗରେ ଖରିଆର ସ୍ୱାୟଂଶାସିତ କଲେଜ କ୍ଷ ଆଜିର ଦିବସରେ ଖେଳକୁ ମାନ୍ୟବର ସାଂସଦ କଳାହାଣ୍ଡି ମୁଖ୍ୟ ଅତିଥି ଓ କ୍ଷିତୀଶ ଅଶୋକ ବୋଧଙ୍କର, କଲେଜ ପରିଚ଼ାଳନା କମିଟି ସଭାପତି ଉଦଘାଟନ କରିଥିଲେ, ପୁରସ୍କାର ବିତରଣୀ ଉତ୍ସବ ରେ ନେସନାଲ କଲେଜ ଅଧ୍ୟକ୍ଷ ଶ୍ରୀ ହିତେଶ ସାହୁ ପୁରସ୍କାର ପ୍ରଦାନ କରିଥିଲେ କ୍ଷ ଉକ୍ତ କାର୍ଯ୍ୟକ୍ରମରେ ନନ୍ଦିନୀ ମଞ୍ଜରୀ ହୋତା, ମମତା ପଟ୍ଟନାୟକ, ମିନାକ୍ଷୀ ଦାସ, ସୀମା ବରିହା, ପ୍ରମିତା ମାଝୀ, ନରସିଂହ ଚ଼ରଣ ସାହୁ, ଦୁର୍ଲଭ ଚ଼ରଣ ବେହେରା, ବୈଦ୍ୟନାଥ ଗଡତିଆ, ପ୍ରମୋଦ ରାଉତ, ଅବିନାଶ ଚ଼ଲାନ, ଜଗନ୍ନାଥ ମେହେର, ଯଶୋବନ୍ତ ଭୋଇ, ତଥା ସମସ୍ତ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ କ୍ଷ ଉଦଘାଟନୀ କାର୍ଯ୍ୟକ୍ରମ ରେ ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ଓ ସଂଗୀତ ପରିବେଷଣ କରାଯାଇଥିଲା ପ୍ରକାଶ କୁମାର ସାହୁ ମଞ୍ଚ ପରିଚ଼ାଳନା କରିଥିଲେ ଶେଷରେ କପିଳ ଦେବପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରୁଛି ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ୍

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ୍ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍‌ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯନ୍ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ଓ୍ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଢକ୍ଷସ୍ପ;ରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ଓ୍ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯନ୍ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡ୍‌ଗୁଡିକ ପ୍ରିମିୟମ ବ୍ରାଣ୍ଡ୍‌ଗୁଡିକୁ ପଛରେ ପକାଇଦେବା ଆଶା

କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସଓ୍ୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥିବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଚ୍ଛ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି। ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ। ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି।




# ଉତ୍କଳର ସଂକ୍ରାନ୍ତିପୁରୁଷ ମଧୁସୂଦନ ଦାସ



ଉତ୍କଳର ସାରସ୍ୱତ ସାଧକ ଓ ପ୍ରେରଣା ପୁରୁଷଙ୍କ ଭିତରୁ ପ୍ରଚଣ୍ଡ ପ୍ରତିଭାଧାରୀ, ଜାତିପ୍ରାଣ ଯେକି ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠନ କରିବାର ମୁଖ୍ୟ ଭୂମିକା ନେଇ ଉନବିଂଶ ଶତାବ୍ଦୀର ଘନଅନ୍ଧକାର ଭିତରୁ "ଶତାବ୍ଦୀର ସୂର୍ଯ୍ୟ" ପରି ଆଲୋକ ବ□କା ହୋଇ ସମଗ୍ର ଓଡ଼ିଶାକୁ ପଥ ପ୍ରଦର୍ଶନ କରାଇ ଥିଲେ, ସେ ଥିଲେ ଆଧୁନିକ ଉତ୍କଳର ସ୍ୱପ୍ନଦ୍ରଷ୍ଟା ଓ ସ୍ଥପତି ମଧୁସୂଦନ ଦାସ ସମଗ୍ର ମାନବ ଜାତିର ଗର୍ବ ଓ ଗୌରବ। ସେହି ମହାନ ସଂକ୍ରାନ୍ତି ପୁରୁଷଙ୍କୁ କଟକ ଜିଲ୍ଲାର ସତ୍ୟଭାମାପୁର ମାଟି ୧୮୪୮ ମସିହା ଏପ୍ରିଲ ୨୮ ତାରିଖରେ ଜନ୍ମ ଦେଇ ପୁତ ଓ ପବିତ୍ର ହୋଇଥିଲା । ସେ ଥିଲେ ବିଚକ୍ଷଣ ବ୍ୟକ୍ତିତ୍ୱର ଅଧିକାରୀ। ଓଡ଼ିଆ ଜାତିର ଜୀବନରେ ନବ ଜାଗରଣ ଆଣି ଦେବାରେ ସେ ଥିଲେ ଅଗ୍ରଦୂତ। ଗାନ୍ଧିଜୀ ମଧୁବାବୁଙ୍କୁ ନିଜଗୁରୁ ଭାବେ ମାନିଥିବା ସ୍ଥଳେ, ଅରବିନ୍ଦ କହିଥିଲେ ମଧୁବାବୁ ଥିଲେ ନେତୃତ୍ୱର ଶିଖର ପୁରୁଷ। ପଣ୍ଡିତ ନେହେରୁଙ୍କ ଦୃଷ୍ଟିରେ ସେ ଥିଲେ ଜନବାଦୀ ମହାନନେତା। ସାର ରାମ୍‌ସେଙ୍କ ଭାଷାରେ ସେ ଥିଲେ ଓଡ଼ିଶାର ଅଦ୍ୱିତୀୟ ମୁକୁଟ ବିହିନ ସମ୍ରାଟ ଓଡ଼ିଆ ଜାତିର ବ୍ୟକ୍ତିତ୍ୱ ଓ ମହତ ପ୍ରତିଷ୍ଠା ପାଇଁ ତାଙ୍କର ସେବା ଓ ତ୍ୟାଗ ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ଏ ଜାତିକୁ ପୁନର୍ବାର ଅଭିମନ୍ତ୍ରିତ କରିବାରେ ତାଙ୍କର ପ୍ରଚେଷ୍ଟା ଓ ଉଦା□ ଆହ୍ୱାନ ଥିଲା । "ତୁ ପରା ବୋଲାଉ ଉତ୍କଳ ସନ୍ତାନ.... ତେବେ କିମ୍ପାତୁହି ଭୀରୁ"। ଏକତାର ରଜ୍ଜୁରେ ସମସ୍ତ ଓଡ଼ିଆକୁ ବାନ୍ଧିବା ସହ ସ୍ୱାର୍ଥରେ ମସଗୁଲ ହୋଇପଡ଼ିଥିବା ବ୍ୟକ୍ତି ବିଶେଷଙ୍କ ପ୍ରତି ସେ ତାଙ୍କର "ସନ୍ତାନର ଉକ୍ତି" କବିତାରେ ଆହ୍ୱାନ କରି ଗାଇଛନ୍ତି- ***"ଜାତି ପ୍ରେମ ବହ୍ନି ପ୍ରଜ୍ୱଳିତ କର ସ୍ୱାର୍ଥକୁ ଦିଅ ଆହୁତି। ସ୍ୱାର୍ଥମେଧ ଯଜ୍ଞେ ଚାରିଆଡ଼େ ନାଚ ଛାତିକୁ ମିଳାଇ ଛାତି ॥"*** ଏକତା ହିଁ ଜାତୀୟ ଉନ୍ନତିର ମୂଳଭିତି । ଏକତାର ଅଭାବରୁ ଜାତିର ଉନ୍ନତି ଅସମ୍ଭବ। ତେଣୁ ସମଗ୍ର ଉତ୍କଳରେ ଜାତୀୟ ଏକତା ସୃଷ୍ଟିକରିବା ନିମି□ କବି ଓ ମହାମାନ୍ତ୍ରିକ ମଧୁବାବୁ ତାଙ୍କ ଭାଷଣରେ କହିଥିଲେ- ***"ଜାତି ଇତିହାସ ଜାତିର ନିର୍ଝର, ସଦା ବହେ ଯହୁଁ ଜାତି ପ୍ରୀତିତାର।"*** ଯାହା ସେଦିନ ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟରେ ରୋମା□ ସୃଷ୍ଟି କରିଥିଲା। ପ୍ରାଣରେ, ଚିନ୍ତାରେ, ଚେତନାରେ ସେ ଥିଲେ ସର୍ବୋଚ୍ଚ ଭାବରେ ଓଡ଼ିଆ। ସେ ବାରମ୍ବାର ଆହ୍ୱାନ ଦେଇଥିଲେ, ***"ନିଜର ଜୀବନ ଜାତିକୁ ଅର୍ପଣ କଲେ ମିଳେ ଜାତିପ୍ରାଣ, ଜାତୀୟ ଜୀବନ ନ ମିଳିବ କଲେ ହାଟେ ବାଟେ ଅନ୍ୱେଷଣ।"*** ଆଜି ତାଙ୍କର ଏ ପବିତ୍ର ଜନ୍ମ ଜୟନ୍ତୀ ତିଥିରେ ଓଡ଼ିଆ ଜାତୀୟ ଜୀବନର ମହାନ ପ୍ରବକ୍ତା, ଓଡ଼ିଶାର ନବ ଜାଗରଣର ପ୍ରମୁଖ ନେତା, ଓଡ଼ିଆ ଜାତିର ଚିରସ୍ମରଣୀୟ ବ୍ୟକ୍ତିତ୍ୱ ଉତ୍କଳ ଗୌରବ ମଧୁସୂଦନଙ୍କୁ ଯେ କୌଣସି ପରିସ୍ଥିତିରେ ସ୍ମରଣ କଲେ ଓଡ଼ିଆର ପ୍ରାଣରେ ପୁଲକ ଓ ସ୍ପନ୍ଦନ ସୃଷ୍ଟିହୁଏ । ଆସନ୍ତୁ ଏହି ପବିତ୍ର ଦିନରେ ନିଜ ମା ପ୍ରତି, ନିଜ ମାଟି ପ୍ରତି, ନିଜ ଭାଷା ପ୍ରତି ପ୍ରୀତି ରଖିବା ସହ ତାଙ୍କର ଆଦର୍ଶ ଓ କର୍ମରେ ଉଦ୍‌ବୁଦ୍ଧ ହୋଇ କାର୍ଯ୍ୟ କରିବା ପାଇଁ ସଂକଳ୍ପବଦ୍ଧ ହେବା ।

# ଶୈଳବାଳା ଦାସ



ଶୈଳବାଳା ଦାସ ଜଣେ ସମାଜସେବୀ ଥିଲେ। ଓଡ଼ିଶାର ନାରୀ ଶିକ୍ଷା ପ୍ରସାରରେ ତାଙ୍କର ମୁଖ୍ୟ ଭୂମିକା ଥିଲା। ମଧୁସୂଦନ ଦାସ ତାଙ୍କୁ ପୋଷ୍ୟ କନ୍ୟା ଭାବେ ଗ୍ରହଣ କରିଥିଲେ। ସେ କଂଗ୍ରେସ ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇ ୧୯୫୨ ଅପ୍ରେଲ ୩ ତାରିଖରୁ ୧୯୫୪ ମସିହା ଅପ୍ରେଲ ୨ ତାରିଖ ପର୍ଯ୍ୟନ୍ତ ରାଜ୍ୟସଭାର ସଦସ୍ୟ ଭାବେ କାମ କରିଥିଲେ। ଶୈଳବାଳା ମହାବିଦ୍ୟାଳୟ ତାଙ୍କ ନାମରେ ନାମିତ ହୋଇଛି। ୧୯୫୯ ମସିହାରେ ସମାଜସେବାରେ ବିଶେଷ ଅବଦାନ ପାଇଁ ତାଙ୍କୁ ଭାରତ ସରକାରଙ୍କ ତୃତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମଶ୍ରୀ ମିଳିଥିଲା। ୧୮୭୫ ମସିହା ମାର୍ଚ୍ଚ ୨୫ରେ କୋଲକାତାର ଭବାନିପୁରରେ ଶୈଳବାଳା ଜନ୍ମଗ୍ରହଣ କରିଥିଲେ। ସେ ଆଇ.ଏ. ପାସ କରିବା ପରେ ମଧୁସୂଦନ ତାଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଥିଲେ। ଶୈଳବାଳା ତାଙ୍କର ପ୍ରାଥମିକ ଶିକ୍ଷା ଲଣ୍ଡନ ମିସନ ବାଳିକା ବିଦ୍ୟାଳୟରେ ଆରମ୍ଭ କରିଥିଲେ। ପରେ ସେ ସିମଳା ପଢ଼ିବାକୁ ଯାଇଥିଲେ। ୧୯୦୬ ମସିହାରେ ସେ ଉଚ୍ଚଶିକ୍ଷା ପାଇଁ ଇଂଲଣ୍ଡ ଯାଇଥିଲେ। ସେ ପ୍ରଥମ ଓଡ଼ିଆ ମହିଳା ଭାବେ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିଥିଲେ। ଓଡ଼ିଶାର ନାରୀଶିକ୍ଷା ପ୍ରସାରରେ ଶୈଳବାଳାଙ୍କ ଅବଦାନ ଅତୁଳନୀୟ ଅଟେ। ଓଡ଼ିଶାରେ ଅନେକ ଗରିବ ମେଧାବୀ ଛାତ୍ରୀମାନଙ୍କ ପାଠପଢ଼ା ଦାୟିତ୍ୱ ସେ ନିଜେ ଗ୍ରହଣ କରି ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ରାସ୍ତା ଦେଖାଇଥିଲେ। ସେ ଜଣେ ନୀରବ ସାଧିକା ଥିଲେ ଯିଏକି ନିଜକୁ ସମସ୍ତ ପ୍ରକାର ପ୍ରଚାର ପ୍ରସାରଠାରୁ ଦୂରେଇ ରଖୁଥିଲେ। ୧୯୬୯ ମସିହା ଅପ୍ରେଲ ୨୯ ତାରିଖରେ ୯୩ ବର୍ଷ ବୟସରେ ତାଙ୍କର ମୃତ୍ୟୁ ହୋଇଥିଲା।

**ନାଟ୍ୟସାରଥି ଅଭୟ କୁମାର ଦାସ**
**ଗୋତରା, ମାହାଙ୍ଗା, କଟକ,**
**ଦୂରଭାଷ : ୯୪୩୭୧୪୨୭୧୭**

# ଗୋପବନ୍ଧୁ ଚୌଧୁରୀ



ଓଡ଼ିଶାର ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ଗାନ୍ଧିବାଦୀ ନେତା ଭାବେ ଗୋପବନ୍ଧୁ ଚୌଧୁରୀ ପରିଚିତ ବ୍ୟକ୍ତିତ୍ୱ। ସେ କଟକରେ ୮ମଇ ୧୮୯୫ ମସିହାରେ ଜନ୍ମ ଗ୍ରହଣ କରିଥିଲେ। ଗୋପବନ୍ଧୁ ଯେଉଁଘରେ ଜନ୍ମ ଗ୍ରହଣ କରିଥିଲେ, ସେ ଘର ପରବର୍ତ୍ତୀ ସମୟରେ ସ୍ୱରାଜ ଆଶ୍ରମରେ ପରିଣତ ହୋଇଥିଲା। କଲିକତାରେ ସେ ଆଇନ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରି ୧୯୧୭ ମସିହାରେ କଟକର ଡେପୁଟି ମାଜିଷ୍ଟ୍ରେଟ ରୂପେ ଅବସ୍ଥାପିତ ହୋଇଥିଲେ। ୧୯୨୦ ମସିହାରେ ଭୀଷଣ ନଇବଢ଼ି ସମୟରେ ଗୋପବନ୍ଧୁ ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ସରକାରଙ୍କୁ ଅଧିକ ସାହାଯ୍ୟ କରିବା ପାଇଁ ଦାବି ଜଣାଇଥିଲେ। ବ୍ରିଟିଶ ସରକାର ତାଙ୍କର ଦାବି ଅଗ୍ରାହ୍ୟ କରିଦେବାରୁ ସେ ସରକାରୀ ଚାକିରୀରୁ ଇସ୍ତଫା ପ୍ରଦାନ କରିଥିଲେ। ତାପରେ ସେ ସତ୍ୟବାଦୀ ଯାଇ ଗୋପବନ୍ଧୁଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ। କଂଗ୍ରେସରେ ଯୋଗଦାନ, ଗାନ୍ଧିନୀତି ଅନୁସରଣ, ଖଦଡ଼ ଲୁଗା ପିନ୍ଧିବା, ଆଶ୍ରମ ଓ ଦରିଦ୍ର ନାରାୟଣଙ୍କ ସେବା ଆଦି କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ୧୯୨୧ ମସିହାରେ ଅଳକା ନଦୀ କୂଳରେ ପ୍ରଥମେ ଏକ ଶିକ୍ଷାନୁଷ୍ଠାନ ଓ ପରେ ଅଳକାଶ୍ରମ ପ୍ରତିଷ୍ଠା କରିଥିଲେ। ୧୯୩୪ ମସିହାରେ ଗାନ୍ଧିଜୀଙ୍କ ନିର୍ଦ୍ଦେଶରେ ସେ ବରୀକୁ ନିଜର କର୍ମକ୍ଷେତ୍ର ରୂପେ ବାଛି ଗ୍ରାମ ସଫେଇ, ନିଶା ନିବାରଣ, ପୌଢ଼ଶିକ୍ଷା, ହରିଜନ ସେବା, ମୌଳିକ ଶିକ୍ଷା ସହ ଗ୍ରାମ ଅର୍ଥନୀତିର ଉନ୍ନତି ପାଇଁ ଉଦ୍ୟମ କରିଥିଲେ। ସ୍ୱାଧୀନତା ଆନ୍ଦୋଳନର ବିଭିନ୍ନ ପର୍ଯ୍ୟାୟ ଲବଣ ସତ୍ୟାଗ୍ରହ, ଅଗଷ୍ଟ ବିପ୍ଳବ ଓ ଭାରତ ଛାଡ଼ ଆନ୍ଦୋଳନରେ ସାମିଲ ହୋଇ କାରାବରଣ କରିଥିଲେ। ୧୯୩୦ରେ ଇଞ୍ଚୁଡି ଲବଣ ସତ୍ୟାଗ୍ରହ ଓ ୧୯୪୨ରେ ଭାରତଛାଡ଼ ଆନ୍ଦୋଳନ ସତ୍ୟାଗ୍ରହ ବେଳେ ସେ ପୁଲିସ ଲାଠିଚାଳନାରେ ଆହାତ ହୋଇ କଟକ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ସ୍ୱାଧୀନତା ପରେ ସେ ସନ୍ଥ ବିନୋବା ଭାବେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭୂଦାନ ଆନ୍ଦୋଳନରେ ସାମିଲ ହୋଇଥିଲେ। ସେ ସମୟରେ ସମାଜ ସଂସ୍କାର ଅଭିମୁଖୀ ଓ ଆଧାତ୍ମିକ ଜ୍ଞାନସମ୍ପନ୍ନଭିତ୍ତିକ ଲେଖା ଲେଖୁଥିଲେ। ସରଳ ଜୀବନ ଓ ବନ୍ଧୁବତ୍ସଳତା ଥିଲା ତାଙ୍କର ଅନ୍ୟତମ ଶ୍ରେଷ୍ଠ ଗୁଣ। ଗୋପବନ୍ଧୁ ଚୌଧୁରୀଙ୍କ ଶେଷ ଜୀବନ କଟିଥିଲା କଟକର ଥୋରିଆ ସାହିରେ ଥିବା ଭୂଦାନ ଆଶ୍ରମରେ। ୨୯ ଅପ୍ରେଲ ୧୯୫୮ ମସିହାରେ ସେ ମୃତ୍ୟୁ ବରଣ କରିଥିଲେ।

## ବିଶିଷ୍ଟ ସମାଜ ସଂସ୍କାରକ, ଦାର୍ଶନିକ ମହାତ୍ମା ଜ୍ୟୋତିବା ଫୁଲେଙ୍କ ୧୯୫ତମ ଜନ୍ମଜୟନ୍ତୀ ପାଳିତ

ଆନନ୍ଦପୁର (ପିଏନ୍): ବିଶିଷ୍ଟ ସମାଜ ସଂସ୍କାରକ, ଦାର୍ଶନିକ ଜ୍ୟୋତିବା ଫୁଲେଙ୍କ ୧୯୫ତମ ଜନ୍ମଜୟନ୍ତୀ ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ହାଟଡିହି ସ୍ଥିତ ବିଜେପି କାର୍ଯ୍ୟାଳୟଠାରେ ପାଳନ କରାଯାଇଛି । ନାରୀଶିକ୍ଷାର ପ୍ରଚାର ପ୍ରସାର ସହ ଜାତିପ୍ରଥାକୁ ବିଲୋପ କରିବାର ଦୁର୍ବାର ପ୍ରୟାସ ଓ ସାମାଜିକ ଆନ୍ଦୋଳନ ମହାତ୍ମା ଫୁଲେଙ୍କୁ ଚିରସ୍ମରଣୀୟ କରି ରଖିବ । ୧୧.୦୪.୧୮୨୭ରେ ଜନ୍ମଗ୍ରହଣ କରି ୬୩ବର୍ଷ ବୟସରେ ୨୮.୧୧.୧୮୯୦ରେ ଇହଧାମ ତ୍ୟାଗ କରିଥିବା ମହାତ୍ମା ଫୁଲେ ନିଜର ସମାଜରୁ କୁସଂସ୍କାର ଲୋପ କରିବାର ଦୃଢ ମନୋଭାବ, କାଳଜୟୀ ଲେଖନୀ ପରବ□ ସମୟରେ ଆନ୍ଦୋଳନକୁ ଭୀଷଣ ଭାବେ ପ୍ରଭାବିତ କରିଥିଲା । ଜିଲ୍ଲା ଏସ୍‌ସି ମୋର୍ଚ୍ଚାର ଉପସଭାପତି ଦୟାନିଧି ଯେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆନ୍ଦପୁର ବିଜେପି ନେତା ଆଲୋକ ସେଠୀ, ଜିଲ୍ଲା ସାଧାରଣ ସମ୍ପାଦକ ଜ୍ଞାନରନ ସାମନ୍ତସିଂହାରଙ୍କ ସମେତ ହରମୋହନ ଶାସିନ, କୈଳାଶ ସାମଲ, ବଳଭଦ୍ର ବାରିକ, ନିତ୍ୟାନନ୍ଦ ବେହେରା, ତୃପ୍ତିମୟୀ ଯେନା, ରମାକାନ୍ତ ସାହୁ, ଦୀପକ ଜେନା, କୃଷ୍ଣଚନ୍ଦ୍ର ଜେନା, ଆଲୋକ ଦାସ, ଚକ୍ରଧର ନାୟକ, ଅଧର ବେହେରା, ଆଲୋକ ଜେନା, ରମାକା' ଶଙ୍ଖୁଆ, ବେଣୁଧର ଯେନା, ସୁଧାଂଶୁ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ମହାତ୍ମା ଫୁଲେଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ବକ୍ତାମାନେ ମହାତ୍ମା ଜ୍ୟୋତିବା ଫୁଲେଙ୍କ ଜୀବନ ଓ ଆଦର୍ଶ ଉପରେ ଆଲୋକପାତ କରିବା ସହ ଜାତିପ୍ରଥାର ବିଲୋପ ଓ ନାରୀ ଶିକ୍ଷାର ପ୍ରଚାର ପ୍ରସାରରେ ଆଜି ବି ମହାତ୍ମା ଫୁଲେଙ୍କ କାର୍ଯ୍ୟ ଓ ରଚନା ସମାଜକୁ ପ୍ରେରିତ କରୁଛି ବୋଲି ମତବ୍ୟକ୍ତ କରିଥିଲେ ।

# ସୂର୍ଯ୍ୟମନ୍ଦିର ସମ୍ମୁଖରେ ଯୋଗାଭ୍ୟାସ



କୋଣାର୍କ (ପିଏନ୍): ଜୁନ୍ ୨୧ ତାରିଖ ବିଶ୍ୱ ଯୋଗ ଦିବସର ଅବ୍ୟବହିତ ପୂର୍ବରୁ ଡାକ ବିଭାଗ ପୁରୀ ମଣ୍ଡଳ ପକ୍ଷରୁ ଅନ୍ତର୍ଜାତୀୟ ଯୋଗଦିବସ ପାଳନ ପାଇଁ କାଉ□ଡାଉନ ଡେ ଆରମ୍ଭ ହୋଇଛି । ଏହି ଆନ୍ତର୍ଜାତିକ ଯୋଗଦିବକୁ ଆଉ ୫୬ ଦିନ ବାକି ଥିବାବେଳେ ଡାକ ବିଭାଗ ପକ୍ଷରୁ ସୋମବାର ପୂର୍ବାହ୍ନରେ ବିଶ୍ୱ ଐତିହ୍ୟ ସୂର୍ଯ୍ୟ ମନ୍ଦିର ସମ୍ମୁଖରେ ପାଳିତ ହୋଇଯାଇଛି କାଉ□ଡାଉନ ଡେ ଯୋଗାଭ୍ୟାସ । ନୂଆଦିଲ୍ଲୀରୁ କାଉ□ଡାଉନ ଡେ ଯୋଗାଭ୍ୟାସର ସିଧାପ୍ରସାରଣକୁ ଦେଖି ସୂର୍ଯ୍ୟ ମନ୍ଦିର ପରିସରରେ ଯୋଗ ଦେଇଥିବା ଛାତ୍ରଛାତ୍ରୀ, ସେଚ୍ଛାସେବୀ, ଡାକ କର୍ମଚାରୀମାନେ ଯୋଗାଭ୍ୟାସ କରିଥିଲେ । ଯୋଗାଚାର୍ଯ୍ୟ ବାବଦେବ ଆଲୁକ ଓ ଦୀପକ କୁମାର ସ୍ୱାଇଁ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପ୍ରକାର ଯୋଗାଭ୍ୟାସ ଓ ଉପକାରୀତା ସମ୍ପର୍କରେ ସୂଚନା ଦେଇଥିଲେ । ଯୋଗାଭ୍ୟାସ ମଧ୍ୟରେ ଶାରୀରିକ, ମାନସିକ, ନୈତିକ ଏବଂ ଆଧାତ୍ମିକ ଜ୍ଞାନର ବିକାଶ ହୋଇପାରିବ । ସମଗ୍ର ବିଶ୍ୱରେ ମାନବ ସମାଜ ଆଜି ଭୋଗବାଦ ସଂସ୍କୃତିର



ଦାସତ୍ୱ ସ୍ୱୀକାର କରିଛି। ଆଧୁନିକ ମଣିଷର ବିଜ୍ଞାନ ଓ ବୈଷୟିକ ଜ୍ଞାନ କ୍ଷେତ୍ରରେ ସମୁନ୍ନତିର ପରାକାଷ୍ଠା ତାର ଭୋଗବାଦ ପିପାସାର ପରିପୁଷ୍ଟି ନିମନ୍ତେ ନିୟୋଜିତ ହୋଇଛି। ଫଳତଃ ମଣିଷର ନୈତିକ ଅଧୋପତନ ଘଟିଛି ଏବଂ ତା ଭିତରେ ଆସୁରିକ ପ୍ରବୃ□ର ପ୍ରାବଲ୍ୟ ଯୋଗୁଁ ସାମାଜିକ ବାତାବରଣ ଅଶାନ୍ତି, ହିଂସା, ଦ୍ୱେଷ ଓ ପରଶ୍ରୀକାତରତାରେ ପରିପୂର୍ଣ୍ଣ ହୋଇଛି। ଭୋଗବାଦ ସଂସ୍କୃତିର ତାଡନାରେ ମାନବ ସମାଜ ଏବେ ଭୀତତ୍ରସ୍ତ ହୋଇପଡିଛି। ଏଭଳି ଘଡିସନ୍ଧି ମୁହୂ□ରେ ଭାରତୀୟ ସଂସ୍କୃତିର ଅମୂଲ୍ୟ ରତ୍ନ ଯୋଗାଭ୍ୟାସ ହିଁ ମନୁଷ୍ୟର ମନ, ବୁଦ୍ଧି ଓ ଆତ୍ମାକୁ ଭୋଗବାଦର ଦାସତ୍ୱରୁ ମୁକ୍ତକରି ତାକୁ ଆଧ୍ୟାତ୍ମିକ ମୂଲ୍ୟବୋଧ ସଂପନ୍ନ ଦେବାତ୍ମାର ପରିଚୟ ପ୍ରଦାନ କରିପାରିବ ବୋଲି ଯୋଗାଚାର୍ଯ୍ୟମାନେ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଆୟୁଶ ଡାକ୍ତର ବିଦୁଭୁଷଣ ନାୟକ, ଚମ୍ପାହାର ଅଗ୍ନିଶମ କେନ୍ଦ୍ରର ଅଧିକାରୀ ତୁଷାରକାନ୍ତି ପରିଜା, କୋଣାର୍କ ଏନଏସିର ଉପାଧ୍ୟକ୍ଷ ସୁରେଶ କୁମାର ରାଉତରାୟ ଓ କାଉନସିଲର ସମୟରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିବା ବେଳେ ଓଡିଶା ଡାକବିଭାଗର ମୁଖ୍ୟ ଶୁଭେନ୍ଦୁ ସ୍ୱାଇଁ, ପୁରୀ ମଣ୍ଡଳର ମୁଖ୍ୟ ବିପିନ ବିହାରୀ ମହାନ୍ତି, ଡାକ ନିରୀକ୍ଷକ ନିମାପଡା ସବଡିଭିଜନ ସୁଭାଷିଷ ଆଚାର୍ଯ୍ୟ ଯୋଗ ଦେଇଥିଲେ । କୋଣାର୍କ ପୋଷ୍ଟମାଷ୍ଟର ଅରୁଣ କୁମାର କାଣ୍ଡିଙ୍କ ସମେତ ସମସ୍ତ ଡାକ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।


# DISPLAY CLASSIFIED

**FOR ADVERTISEMENT CONTACT**

Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

**ADMISSION ON**
**MPS PLAY HOME**
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

**VED BHAWAN**
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

**ADMISSION ON**
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


# ସତ୍ୟଭମାପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ

ବାଲିଅନ୍ତା (ପିଏନ୍): କୋଭିଡ କଟକଣା ଯୋଗୁ ଦୁଇ ବର୍ଷ ହେବ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ହୋଇଥିବାରୁ ସ୍କୁଲରେ ପାଳିତ ହେଉଥିବା କାର୍ଯ୍ୟକ୍ରମ ବନ୍ଦ ରହିଥିଲା । ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ବ୍ଲକରେ ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ସତ୍ୟଭାମାପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ହିମାଂଶୁ ଭୂଷଣ ଓଝା ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ବାଲିଅନ୍ତା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଡ ଅରବିନ୍ଦ ଢାଲୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଅପରାହ୍ନରେ ଉଦ୍‌ଯାପନୀ ଉତ୍ସବରେ ସମ୍ମାନୀତ ଅତିଥିଭାବେ ଗଙ୍ଗାଧର ସାହୁ ନିର୍ଦ୍ଦେଶକ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗ ଓଡିଶା ସରକାର, ଡଃ ଦେବୀ ପ୍ରିୟଦର୍ଶିନୀ ବୈଜ୍ଞାନିକ ଆଂଚଳିକ ପ୍ରାକୃତିକ ଐତିହାସିକ ସଂଗ୍ରହାଳୟ ଭୁବନେଶ୍ୱର ଯୋଗ ଦେଇଥିଲେ । ବିଭିନ୍ନ ସ୍କୁଲରୁ ଆସିଥିବା ଛାତ୍ରଛାତ୍ରୀମାନେ କିଭଳି ନୂତନ ଜ୍ଞାନକୌଶଳ ବିଷୟରେ ଅବଗତ ହେବା ସହ ଅନ୍ୟମାନଙ୍କୁ ଏହି ବିଷୟରେ ଅବଗତ କରିପାରିବେ, ତାହା ଥିଲା ଏହି ବିଜ୍ଞାନ ମେଳାର ଉଦ୍ଦେଶ୍ୟ । ଡଃ ଢାଲୀ ଏଥିରେ ଯୋଗ ଦେଇ କୁନି କୁନି ବୈଜ୍ଞାନିକମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ପ୍ରକଳ୍ପ ବିଷୟରେ ବହୁ ପ୍ରଶଂସା କରିବା ସହିତ ସେମାନେ ଭବିଷ୍ୟତରେ ଜଣେ ଜଣେ ସୁ-ବୈଜ୍ଞାନିକ ହୋଇ ଯେପରି ବାପା ମା ଓ ଅଂଚଳର ନାମକୁ ଗୌରବାନ୍ୱିତ କରିପାରିବେ ସେଥିପ୍ରତି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଓ ଅଭିଭାବକମାନଙ୍କର ଗୁରୁଦାୟିତ୍ୱ ରହିଛି ବୋଲି ମତ ପ୍ରକାଶ କରିବା ସହିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର କଠିନ ପରିଶ୍ରମ ଓ ସହଯୋଗ ପାଇଁ ସାଧୁବାଦ ଜଣାଇଥିଲେ । ବ୍ଲକ ଶିକ୍ଷାଧିକାରୀ ତାଙ୍କ ବକ୍ତବ୍ୟରେ ବିଜ୍ଞାନ ମେଳା ମାଧ୍ୟମରେ ସ୍କୁଲ ସ୍ତରରେ ଅନେକ ଛାତ୍ରଛାତ୍ରୀ ସେମାନେ ଭବିଷ୍ୟତରେ ଜଣେ ଜଣେ ବୈଜ୍ଞାନିକ ଭାବେ ସୃଷ୍ଟି ହୋଇପାରିବେ ବୋଲି ପ୍ରକାଶ କରିଥିଲେ। ଏହି ଉତ୍ସବରେ ମୋଟ ୧୨୯ଟି ବିଦ୍ୟାଳୟ ଭାଗ ନେଇଥିବା ବେଳେ ମୋଟ ୧୬୪ଟି ପ୍ରକଳ୍ପ ସ୍ଥାନ ପାଇଥିଲା । ଅର୍ପିତା ପଟ୍ଟନାୟକ ବିଜିଏମ୍, ସ୍ୱାଗତ ସାଇକୃପା ବିଜିଏମ୍, ସୌମ୍ୟଶ୍ରୀ ସାହୁ, ପଂଚବଟି ହାଇସ୍କୁଲ, ସ୍ୱୟଂଶ୍ରଦ୍ଧା ସାହୁ, ମହୁଖଣ୍ଡା ହାଇସ୍କୁଲ, ରଶ୍ମୀରେଖା ସାହୁ ପଂଚାୟତ ହାଇସ୍କୁଲ, ପାୟଲ ସେଠୀ ପି.ଏସ୍ ହାଇସ୍କୁଲ ଯଥାକ୍ରମେ କୃତିତ୍ୱ ଶ୍ରେଷ୍ଠ ୬ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯିବା ସହିତ ଜିଲ୍ଲା ସ୍ତରରେ ଅଂଶଗ୍ରହଣ ପାଇଁ ମନୋନୀତ କରାଯାଇଥିଲା । ଏହି ବିଜ୍ଞାନ ମେଳାରେ ବ୍ଲକର ଶିକ୍ଷାଧିକାରୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ, ସ୍ଥାନୀୟ ଜନପ୍ରତିନିଧି, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ରହିଥିଲେ।

## କୋଲୁହାପାଟଣାରେ ଦଣ୍ଡମେଳଣ ଉଦ୍‌ଯାପିତ

ଖୋର୍ଦ୍ଧା (ପିଏନ)- ବେଗୁନିଆ ବ୍ଲକ ଅନ୍ତର୍ଗତ ବଡବେରଣା ପଂଚାୟତ କୋଲୁହାପାଟଣା ଗ୍ରାମର ଆରାଧ୍ୟ ଦେବୀ ମା କାଳିକା ଦେବୀପୀଠରେ ଦଣ୍ଡ ମେଳନ ଉଦ୍‌ଯାପିତ ହୋଇ ଯାଇଛି। ଏହି ମେଳନରେ ଗୌଡନୂଆଗାଁ, ଶାମୁକାପାଟଣା, ଗୋବିନ୍ଦପୁର ଓ ଗେଡିଆପଲ୍ଲୀ ଗ୍ରାମର ପାଟ ଭକ୍ତ ଓ ଦଣ୍ଡ ଆସିଥିଲେ । ମହିଳା ସଂକୀର୍ତନ ମଣ୍ଡଳୀ ଦ୍ୱାରା ଭଜନ ପରିବେଷଣ ପରେ ଦଣ୍ଡ ନାଚ, ଚଢେଇଆ ଓ ଚଢେଇଆଣୀ, ଶିବ ପାର୍ବତୀ, ସାପୁଆକେଳା ଓ ଶବର ଆଦି ବିଭିନ୍ନ ନାଚ ପରିବେଷଣ ହୋଇଥିଲା । ସମସ୍ତ ଦଣ୍ଡ ଓ ପାଟଭକ୍ତାମାନେ ଏକତ୍ରୀତ ହୋଇ ଶୁଦ୍ଧପୁତ ଭାବରେ ଭକ୍ତିମୟ ପରିବେଶରେ ଗ୍ରାମ୍ୟ ପରିକ୍ରମା ପରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା।

# ସରକାରୀ ବିଶ୍ୱବିଦ୍ୟାଳୟରେ ସେଲ୍ଫ ଫାଇନାନ୍‌ସିଂ କୋର୍ସ ଉପରେ ଅଂକୁଶ କାହା ସ୍ୱାର୍ଥରେ !




ଭୁବନେଶ୍ୱର (ପିଏନ୍)-ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ସଭାପତି ଶ୍ରୀ ଯାସିର ନୱାଜ ସରକାରୀ ବିଶ୍ୱବିଦ୍ୟାଳୟମାନଙ୍କରେ ସେଲ୍ଫ ଫାଇନାନ୍‌ସିଂ କୋର୍ସ ଉପରେ ଅଂକୁଶ ଲଗାଇବା ନିଷ୍ପତିକୁ ଦୃଢ଼ ନିନ୍ଦା କରିଛନ୍ତି । କୁଳାଧିପତିଙ୍କ ସଚିବ ଶ୍ରୀ ଶାଶ୍ୱତ ମିଶ୍ର ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତି ମାନଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି ଯେ ୨୦୨୨-୨୩ ଶିକ୍ଷା ବର୍ଷରୁ ସେଲ୍ଫ ଫାଇନାନ୍‌ସିଂ କୋର୍ସରେ ବିଶ୍ୱବିଦ୍ୟାଳୟର ମୋଟ ଛାତ୍ରଛାତ୍ରୀଙ୍କ ସଂଖ୍ୟାର ମାତ୍ର ୨୦ ପ୍ରତିଶତ ଛାତ୍ରଛାତ୍ରୀ ନାମ ଲେଖାଇ ପାରିବେ। ଏଥିରେ ଦର୍ଶାଯାଇଛି ଯେ ଅଧିକ ସେଲ୍ଫ ଫାଇନାନ୍‌ସିଂ ବିଶ୍ୱବିଦ୍ୟାଳୟରେ ପଢ଼ାଯିବା ଦ୍ୱାରା ରେଗୁଲାର କୋର୍ସ ପ୍ରଭାବିତ ହେଉଛି। ଶ୍ରୀ ନୱାଜ କହିଛନ୍ତି ଉପରୋକ୍ତ ନିର୍ଦ୍ଦେଶରୁ ସ୍ପଷ୍ଟ ବାରି ହେଉଯାଉଛି ଯେ ଶିକ୍ଷାର ଘରୋଇକରଣ କରାଇବାକୁ ସରକାର କେତେ ବ୍ୟାକୁଳ, କାରଣ ଗରିବ ମେଧାବୀ ଛାତ୍ରଛାତ୍ରୀ ସ୍ୱଳ୍ପ ଖର୍ଚ୍ଚରେ ସରକାରୀ ବିଶ୍ୱବିଦ୍ୟାଳୟ ମାନଙ୍କରେ ସେଲ୍ଫ ଫାଇନାନ୍‌ସିଂ କୋର୍ସ ଦ୍ୱାରା ପାଠ ପଢ଼ି ଭବିଷ୍ୟତ ଗଢ଼ିପାରୁଥିଲେ। କିନ୍ତୁ ଯଦି ସରକାର ଏଥିରେ ଅଂକୁଶ ଲଗାଇବେ ସେହି ସେଲ୍ଫ ଫାଇନାନ୍‌ସିଂ କୋର୍ସ ଆଡମିଶନ କ୍ଷେତ୍ରରେ ମେଧାବୀ ଛାତ୍ରଛାତ୍ରୀମାନେ ସରକାରୀ ବିଶ୍ୱବିଦ୍ୟାଳୟରେ ପାଠପଢ଼ିବାରୁ ବଂଚିତ ହେବେ ଯଦ୍ୱାରା ଘରୋଇ ବିଶ୍ୱବିଦ୍ୟାଳୟ ମାନେ ଲାଭାନ୍ୱିତ ହେବେ। ଗରିବ ମେଧାବୀ ଛାତ୍ରଛାତ୍ରୀ ମାନେ ଲକ୍ଷାଧିକ ଟଙ୍କା ଦେଇ ପାଠ ପଢ଼ିପାରିବେ ନାହିଁ ଏବଂ ସେମାନଙ୍କର ଭବିଷ୍ୟତ ଅନ୍ଧକାର ଆଡ଼କୁ ଠେଲି ହୋଇଯିବ। ଏଥିରୁ ସ୍ପଷ୍ଟ ଅନୁମେୟ ହେଉଛି ସରକାର ଓ ଘରୋଇ ଶିକ୍ଷାନୁଷ୍ଠାନ ମାନଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଛି। ସରକାରୀ ବିଶ୍ୱବିଦ୍ୟାଳୟରେ ସେଲ୍ଫ ଫାଇନାନ୍‌ସିଂ କୋର୍ସରେ ୨୦ ପ୍ରତିଶତ ଛାତ୍ରଛାତ୍ରୀ ମାନଙ୍କର ଆଡମିଶନ ଅତ୍ୟ' ନଗଣ୍ୟ। ତେଣୁ ଏହି ନିଷ୍ପତିକୁ ତୁର' ପ୍ରତ୍ୟାହାର କରିବାପାଇଁ ଦାବି କରିଛନ୍ତି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ନୱାଜ। ଯଦି ରେଗୁଲାର କୋର୍ସ ପ୍ରଭାବିତ ହେବାର ପ୍ରସଙ୍ଗ ସରକାର ଅନୁଭବ କରୁଛନ୍ତି ତେବେ ସରକାର କଣପାଇଁ ଖାଲି ପଡ଼ିଥିବା ଅଧାପକ, ଅଧାପିକାମାନଙ୍କ ପଦବୀ ପୂରଣ କରିପାରୁ ନାହାଁନ୍ତି। ରାଜ୍ୟରେ ବହୁ ସଂଖ୍ୟାରେ ଶିକ୍ଷିତ ଯୁବକଯୁବତୀ ମାନେ ଅଧାପକ, ଅଧାପିକା ହେବାର ଯୋଗ୍ୟତା ଅର୍ଜନ କରିଥିଲେ ମଧ୍ୟ ସରକାର ପଦବୀ ପୂରଣ କରୁନାହାଁନ୍ତି ତେଣୁ ଏ ସରକାର ଯୁବଛାତ୍ର ବିରୋଧି। ଝିଂଟିକା ମାରି ବଣି ପୋଷିବା କାହା ସ୍ୱାର୍ଥରେ ବୋଲି ଅଭିଯୋଗ କରିଛନ୍ତି ଶ୍ରୀ ନୱାଜ। ଯଦି ତୁରନ୍ତ ଏହି ନିଷ୍ପତିକୁ ପ୍ରତ୍ୟାହାର ନକରାଯାଏ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏକ ପ୍ରତିନିଧି ଦଳ ମହାମହୀମ ରାଜ୍ୟପାଳ ତଥା କୁଳାଧିପତିଙ୍କୁ ଭେଟି ଦାବିପତ୍ର ଜଣାଇବା ସହ ଶିକ୍ଷାର ଘରୋଇକରଣ ବିରୋଧରେ ରାଜ୍ୟବ୍ୟାପି ଆନ୍ଦୋଳନ କରିବ। ଏଠାରେ ମୁଖ୍ୟ ପ୍ରସଙ୍ଗ ହେଉଛି ଯିଏ ଉଚ୍ଚଶିକ୍ଷା ବିଭାଗର ସଚିବ ସିଏ ମହାମହୀମ ରାଜ୍ୟପାଳଙ୍କର ମଧ୍ୟ ସଚିବ। ଏଣୁ ରାଜ୍ୟ ଉଚ୍ଚଶିକ୍ଷାମନ୍ତ୍ରୀ ଶ୍ରୀ ଅରୁଣ ସାହୁଙ୍କ ପ୍ରରୋଚନାରେ ଏଭଳି ଛାତ୍ର ବିରୋଧି ନିଷ୍ପତି ନିଆଯାଉଛି ବୋଲି ଶ୍ରୀ ନୱାଜ ଅଭିଯୋଗ କରିଛନ୍ତି। ଏଥିରେ କେବଳ ମହାମହୀମ ରାଜ୍ୟପାଳଙ୍କୁ ବ୍ୟବହାର କରାଯାଇଛି, ମାତ୍ର ଅସଲ ଚକ୍ରା' ମନ୍ତ୍ରୀ ଶ୍ରୀ ସାହୁଙ୍କ ଦ୍ୱାରା ପ୍ରସ୍ତୁତ। ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସାହୁଙ୍କ ଅମଳରେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆଡମିଶନ ଜାଲିଆତି ପଦାରେ ପଡ଼ିବା ପରେ ଶିକ୍ଷା ଜଗତର କୋଣାର୍କ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ମଧ୍ୟ ଆଡମିଶନ ଜାଲିଆତି ଧରାପଡ଼ିଛି। ବିଶେଷ କରି ଜାଲ ଦିବ୍ୟାଙ୍ଗ ସାର୍ଟିଫିକେଟ ପ୍ରସ୍ତୁତ କରାଯାଇ ଓଡ଼ିଶାର ସମସ୍ତ ସରକାରୀ ମହାବିଦ୍ୟାଳୟରେ ଏଭଳି ଆଡମିଶନ ଜାଲିଆତି ଚାଲିଥିଲା ବେଳେ ଶିକ୍ଷାମନ୍ତ୍ରୀ ଶ୍ରୀ ସାହୁ ଚୁପ ବସିଛନ୍ତି। ଏହି ଜାଲିଆତିର ଦଲାଲମାନେ ବିଜେଡ଼ି ଦଳର କର୍ମକର୍ତା ଥିବା ଜଣାପଡ଼ିଛି। ବିଜେଡ଼ି ସରକାର ସେମାନଙ୍କୁ ସୁରକ୍ଷା ଦେଉଛନ୍ତି ଏବଂ ମନ୍ତ୍ରୀ ଶ୍ରୀ ସାହୁ ନିରବଦ୍ରଷ୍ଟା ସାଜିଛନ୍ତି। ପ୍ରଦେଶ ଛାତ୍ର କଂଗ୍ରେସ ଏହାକୁ ବରଦାସ୍ତ କରିବ ନାହିଁ। ଏହି ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ମୁଖପାତ୍ର ବିଶ୍ୱଭୂଷଣ ମହାପାତ୍ର, ସାଧାରଣ ସଂପାଦକ ସାଗର ପଟ୍ଟନାୟକ, ଭୁବନେଶ୍ୱର ଏକାମ୍ର ସଭାପତି ରିୟାଜ ଉଦ୍ଦିନ ପ୍ରମୁଖ ଉପସ୍ଥିତ ଥିଲେ।

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Bhubaneswar Tuesday December 05, 2023 ଭୁବନେଶ୍ୱର ମଙ୍ଗଳବାର, ଡିସେମ୍ବର ୦୫,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# କ୍ରିକେଟ ମ୍ୟାଚ୍‌ରେ ଛତ୍ରପୁର ପ୍ରେସ କ୍ଲବ ଏକାଦଶ ବିଜୟୀ



ଛତ୍ରପୁରର ଅନସ୍‌ଲୋ ଖେଳ ପଡିଆରେ ଛତ୍ରପୁର ପ୍ରେସ କ୍ଲବ ଓ ବ୍ରହ୍ମପୁର ପ୍ରେସ କ୍ଲବ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଆୟୋଜିତ ହୋଇ ଯାଇଛି। ଗଞ୍ଜାମ ଏସପି ଜଗମୋହନ ମୀନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମଧ୍ୟାହ୍ନରେ ଏହାକୁ ଉଦଘାଟନ କରିବା ସହ ଅପରାହ୍ନରେ ପୁରସ୍କାର ବିତରଣ କରିଥିଲେ। ଟସ ଜିତି ବ୍ରହ୍ମପୁର ପ୍ରେସ୍ ଏକାଦଶ ନିର୍ଦ୍ଧାରିତ ୧୫ ଓଭର ଖେଳି ୧୦୮ ରନ ସଂଗ୍ରହ କରିଥିଲେ। ବ୍ରହ୍ମପୁର ଏକାଦଶ ଦଳର ଗୋପାଳ ରେଡ୍ଡୀ ସର୍ବାଧିକ ୩୭ ରନ ସଂଗ୍ରହ କରିଥିବା ବେଳେ ଛତ୍ରପୁରର ମିଥୁନ ବାରିକ ୩ ଓଭର ବୋଲିଂ କରି ୩ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଛତ୍ରପୁର ପ୍ରେସ କ୍ଲବ ଏକାଦଶ ୧୧.୧ ଓଭରରେ ୪ ୱିକେଟ ହରାଇ ୧୦୯ ରନ କରି ବିଜୟୀ ହୋଇଛି। ଦଳ ପକ୍ଷରୁ ସୁଧୀର ନାହାକ ସର୍ବାଧିକ ଅପରାଜିତ ୩୭ ରନ କରିଥିବା ବେଳେ ମିଥୁନ ବାରିକ ୨୫ ରନ କରି ଅପରାଜିତ ଥିଲେ। ଛତ୍ରପୁରର ବସନ୍ତ ମହାରଣା ୩ ରନ, ସରୋଜ ସାମଲ ୮ ରନ, ବିସ୍ମୟ ପ୍ରଧାନ ୭ ରନ ଓ ଅଜିତ ସ୍ୱାଇଁ ଶୂନ୍ୟ ରନ କରି ଆଉଟ ହୋଇଥିଲେ। ବ୍ରହ୍ମପୁର ଦଳର ମନୋଜ ପଣ୍ଡା ପ୍ରଥମ ଓଭରର ପ୍ରଥମ ବଲରେ ଛତ୍ରପୁରର ଓପନର ଅଜିତ ସ୍ୱାଇଁଙ୍କୁ ଆଉଟ କରି ଖେଳରେ ରୋମାଞ୍ଚ ଭରି ଦେଇଥିଲେ। ବ୍ରହ୍ମପୁରର ବାବୁଲା ପାଣିଗ୍ରାହୀ ୨ୟ ଓଭରର ଶେଷ ବଲରେ ଗୋଟିଏ ଓ ୪ର୍ଥ ଓଭରରେ ୨ଟି ୱିକେଟ ନେଇ ଛତ୍ରପୁର ଦଳକୁ ସଙ୍କଟରେ ପକାଇଥିଲେ। ତେବେ ସୁଧିର ଏବଂ ମିଥୁନ ଙ୍କ ଯୋଡି ଚମତ୍କାର ଖେଳ ପ୍ରଦର୍ଶନ କରି ଛତ୍ରପୁରକୁ ଜିତାଇ ଥିଲେ।

# ସିନାପାଲିରେ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ



ଭୁବନେଶ୍ୱର,(ପି.ଏନ): ନୂଆପଡା ଜିଲ୍ଲା ସିନାପାଲି ନୋଡାଲ ହାଇସ୍କୁଲ ପରିସରରେ ରବିବାର ବିଶ୍ୱ ଭିନ୍ନକ୍ଷମ ଦିବସ ପାଳନ କରାଯାଇଛି। ସିନାପାଲି ଶିକ୍ଷା ବିଭାଗ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦଘାଟନୀ ସମାରୋହରେ ବିଇଓ ଯତୀନ୍ଦ୍ର କୁମାର ସେଠ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବରେ ବ୍ଲକ ଅଧ୍ୟକ୍ଷା ମାଧୁରୀ ମାଝୀ, ବିଶିଷ୍ଟ ଅତିଥି ବ୍ଲକ ଉପାଧ୍ୟକ୍ଷା ମୀନା ଘିଭେଲା, ମୁଖ୍ୟବକ୍ତା ଏବିଇଓ ପ୍ରଭାତ କୁମାର ପାତ୍ର ଓ ସମ୍ମାନିତ ଅତିଥି ଭାବରେ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରସନ୍ନ ମାଝୀ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଶିକ୍ଷକ ବୈଷ୍ଣବ ମେହେର ଅତିଥି ଆମନ୍ତ୍ରଣ ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟର ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଶିକ୍ଷକ ପଦ୍ମଲୋଚନ ନାୟକ ମଂଚ ପରିଚାଳନା କରିଥିବା ବେଳେ ସନ୍ତୋଷ ବନ୍ଦିଛୋର ଧନ୍ୟବାଦ ଦେଇଥିଲେ। ଏ ଅବସରରେ ଅନୁଷ୍ଠିତ ଗୀତ, ନୃତ୍ୟ, ବକ୍ତୃତା, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶତାଧିକ ଭିନ୍ନକ୍ଷମ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବା ସହ ନିଜନିଜ ପ୍ରତିଭାର ପ୍ରଦର୍ଶନ କରିଥିଲେ। ଶେଷରେ ବିଇଓ ଶ୍ରୀସେଠଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ସଭାରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ପରିଷଦ ସଦସ୍ୟା ଆଶା ଜୈନ, ମୁଖ୍ୟବକ୍ତା ଲଳିତ କୁମାର ସୁନାରୀ ଓ ସମ୍ମାନିତ ଅତିଥି ଭାବରେ ଏବିଇଓ ପ୍ରଭାତ କୁମାର ପାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ପଦ୍ମଲୋଚନ ନାୟକ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଶେଷରେ ରାକେଶ ମିଶ୍ର ଧନ୍ୟବାଦ ଦେଇଥିଲେ। ପ୍ରତିଯୋଗୀ ମାନଙ୍କୁ ମଂଚରେ ପୁରସ୍କୃତ କରାଯିବା ସହ ହ୍ୱିଲ୍ ଚ?ୟାର, ସିପି ଚେୟାର, ଶ୍ରବଣ ଯନ୍ତ୍ର, ବ୍ରେଲି କିଡସ୍ ଆଦି ସହ ଶୀତ ପୋଷାକ ବଣ୍ଟନ କରାଯାଇଥିଲା। ବିଆରଟି ମହେଶ୍ୱର ପ୍ରଧାନଙ୍କ ତତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମର ସଫଳତାରେ ସମସ୍ତ ସିଆରସିସି, ଶିକ୍ଷକ, ବିଇଓ ଅଫିସ କର୍ମଚାରୀ ଓ ଅନ୍ତର୍ନିବେଶୀ ସେଚ୍ଛାସେବୀ ଶିକ୍ଷକମାନେ ସହଯୋଗ କରିଥିଲେ।

# ବଡ଼ଚଣା ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ



ବଡ଼ଚଣା,(ପି.ଏନ): ବଡ଼ଚଣା ବରିଷ୍ଠ ନାଗରିକ ମଞ୍ଚର ୭ମ ବାର୍ଷିକ ଉତ୍ସବ ବଡ଼ଚଣା ସ୍ଥିତ ମହାବିନାୟକ ବିଦ୍ୟାୟନ ପରିସରରେ ଗତକାଲି ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ପ୍ରାକ୍ତନ ପ୍ରାଧ୍ୟାପକ ବସନ୍ତ କୁମାର ନାୟକ ଙ୍କ ସଭାପତିତ୍ୱ ରେ ଆୟୋଜିତ ଉତ୍ସବରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯାଜପୁର ସାଂସଦ ଶର୍ମିଷ୍ଠା ସେଠି ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବ କୁ ଉଦଘାଟନ କରିବା ସହିତ ମଞ୍ଚର କର୍ମକର୍ତ୍ତା ଓ ସଭ୍ୟ ମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଏହି ପରିପ୍ରେକ୍ଷୀରେ କବି ଉମାକାନ୍ତ ପୃଷ୍ଟିଙ୍କ ଦ୍ୱାରା ରଚିତ କବିତା ପୁସ୍ତକ ପ୍ରେମ କୁ ଅତିଥିମାନେ ଉନ୍ମୋଚନ କରିବାପରେ ଗାୟକ ସୌରଭ ରଜନୀକାନ୍ତ ପୃଷ୍ଟି କବିତା ପୁସ୍ତକର ସମୀକ୍ଷା କରିଥିଲେ। ମହାବିନାୟକ ସଙ୍ଗୀତ ବିଦ୍ୟାଳୟ ର ଛାତ୍ରୀ ମନେ ସ୍ୱାଗତ ସଙ୍ଗୀତ ଜରିଆରେ ଅତିଥୀମାନଙ୍କୁ ସ୍ୱାଗତ କରିଥିଲେ। ସମ୍ମାନିତ ଅତିଥି ବରିଷ୍ଠ ପ୍ରଶାସକ ଆଇ ଏ ଏସ ନିର୍ମଳ ଚନ୍ଦ୍ର ମିଶ୍ର ବରିଷ୍ଠ ମାନଙ୍କ ପାଇଁ ଉପଲବ୍ଧ ସରକାରୀ ସେବା ସୁବିଧା ସୁଯୋଗ ଉପରେ ଅଭିଭାଷଣ ମାଧ୍ୟମରେ ସଚେତନ କରାଇଥିଲେ। ଅନ୍ୟତମ ଅତିଥି ବରିଷ୍ଠ ସାମ୍ବାଦିକ ଓ ସ୍ତମ୍ଭକାର ନିର୍ମଳ ଚନ୍ଦ୍ର ସାମଲ ,କବି ମାନ ଗୋବିନ୍ଦ ବାରିକ ଯୋଗଦେଇ ସମାଜକୁ ଉଚିତ ଦିଗଦର୍ଶନ ଦେବାପାଇଁ ବରିଷ୍ଠ ମାନଙ୍କୁ ଆହ୍ୱାନ ଦେଇଥିଲେ। ବଡ଼ଚଣା ଥାନା ଅଧିକାରୀ ଶରତଚନ୍ଦ୍ର ପାତ୍ର ଅତିଥିଭାବେ ଯୋଗଦେଇ ବରିଷ୍ଠ ମାନେ ସୁରକ୍ଷିତ ଓ ଦୀର୍ଘାୟୁ ରହିବାର ମାର୍ଗଦର୍ଶନ କରିବା ସହିତ ପୋଲିସ ପ୍ରଶାସନ ତରଫରୁ ୫୨ ଜଣ ବରିଷ୍ଠ ନାଗରିକ ଙ୍କୁ ପରିଚୟ ପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ପାଦକ ପରମାନନ୍ଦ ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସାଧାରଣ ସମ୍ପାଦକ ଅଜିତ ପ୍ରସାଦ ମିଶ୍ର ସ୍ୱାଗତ ସମ୍ଭାଷଣ ମଞ୍ଚର ଉପସଭାପତି ଡ଼ ଅଜୟ କୁମାର ଲେଙ୍କା ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ନାରାୟଣ ରାଉତ ,ପ୍ରସନ୍ନ ମହାରଣା ,ମାର୍କଣ୍ଡ ଓଝା,ଧନେଶ୍ୱର ମହାନ୍ତି ,ପୀତବାସ ମିଶ୍ର,ରବୀନ୍ଦ୍ର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଚଣ୍ଡିଖୋଲ ରୁ ସର୍ବ?ଶ୍ୱର ବାରିକଙ୍କ ରିପୋର୍ଟ ପର୍ଯ୍ୟବେକ୍ଷକ ଓଡ଼ିଶା

# ପୁରନ୍ଦର ମିଶ୍ର ଛତିଶଗଡ଼ ବିଧାନସଭାକୁ ନିର୍ବାଚିତ

ରାୟପୁର/ଭୁବନେଶ୍ୱର ,(ପି.ଏନ): ଛତିଶଗଡ଼ ରାଜ୍ୟର ବୃହତ ଓଡ଼ିଆ ସମାଜର ସଭାପତି ଏବଂ ଭାରତୀୟ ଜନତା ପାର୍ଟି ର ପାର୍ଥୀ ପୁରନ୍ଦର ମିଶ୍ର, ରାୟପୁର ନଗର ଉତ୍ତର ଆସନ ରୁ ବିଜୟ ଲାଭ କରିଛନ୍ତି। ଶ୍ରୀ ମିଶ୍ର ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ଭାରତୀୟ ଜାତୀୟ କଂଗ୍ରେସ ର ପାର୍ଥୀ କୁଳଦୀପ ସିଂହ ଜୁନେଜା ଙ୍କୁ ୨୩ହଜାର ୫୪ ଖଣ୍ଡ ଭୋଟରେ ପରାସ୍ତ କରିଥିବା ଜଣାଯାଇଛି। ଶ୍ରୀ ମିଶ୍ର ୫୪ହଜାର ୨୭୯ ଖଣ୍ଡ ଭୋଟ ପାଇଥିବା ବେଳେ ଶ୍ରୀ ଜୁନେଜା ୩୧ହଜାର ୨୨୫ଖଣ୍ଡ ଭୋଟ ପାଇଛନ୍ତି।ଛତିଶଗଡ଼ ର ନବନିର୍ବାଚିତ ବିଧାନ ସଭା ରେ ଶ୍ରୀ ମିଶ୍ର ଏକମାତ୍ର ଓଡ଼ିଆ ବିଧାୟକ ହେବେ। ପୁରନ୍ଦର ମିଶ୍ର ଏବେ ୱାଲର୍ଡ ଓଡ଼ିଆ ସୋସାଇଟି ର ଛତିଶଗଡ଼ ଶାଖା ର ମୁଖ୍ୟ ପୃଷ୍ଠପୋଷକ ଆସନରେ ଅଧିଷ୍ଠିତ ଅଛନ୍ତି। ରାୟପୁର ର ଗାୟତ୍ରୀ ନଗର ଠାରେ ଶ୍ରୀ ମିଶ୍ର ଙ୍କ ଦ୍ୱାରା ପ୍ରତିଷ୍ଠିତ ଛତିଶଗଡ଼ ପ୍ରଦେଶର ସବୁଠାରୁ ବଡ଼ ଜଗନ୍ନାଥ ମନ୍ଦିର ତାଙ୍କର ନିର୍ବାଚନ ମଣ୍ଡଳୀ ଅଧୀନରେ ଆସୁଛି।ଆଜି ଅପରାହ୍ଣ ରେ ଶ୍ରୀ ମିଶ୍ର ଙ୍କର ଜିତିବା ଖବର ମିଳିବା ପରେ ଛତିଶଗଡ଼ ର କୋଣ ଅନୁକୋଣରେ ବସବାସ କରୁଥିବା ପ୍ରବାସୀ ଓଡ଼ିଆ ,ଶ୍ରୀ ଜଗନ୍ନାଥଙ୍କର ଭକ୍ତ ମହଲ ଏବଂ ବିଶ୍ୱଭରି ୱାଲର୍ଡ ଓଡ଼ିଆ ସୋସାଇଟି ର ସଦସ୍ୟ ମାନଙ୍କ ମଧ୍ୟରେ ଆନଂଦ ଓ ଉଲ୍ଲାସ ର ଲହରୀ ଖେଳିଯାଇଥିବା ଲକ୍ଷ କରାଯାଇଛି।ଆଜି ସନ୍ଧ୍ୟାରେ ଶ୍ରୀ ମିଶ୍ର ଙ୍କୁ ଗାୟତ୍ରୀ ନଗର ସ୍ଥିତ ଜଗନ୍ନାଥ ମନ୍ଦିରଠାରେ ସହସ୍ରାଧିକ ଓଡ଼ିଆ ଓ ଅଣଓଡ଼ିଆ ଜନସାଧାରଣ ଙ୍କର ଉପସ୍ଥିତି ରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇ ଥିବାର ଖବର ମିଳିଛି।ବର୍ତ୍ତମାନ ଓଡ଼ିଶା ,ଦେଶର ବିଭିନ୍ନ ସ୍ଥାନ ଏବଂ ବିଦେଶରୁ ପ୍ରବାସୀ ଓଡ଼ିଆ ନେତୃବର୍ଗ ତଥା ଶ୍ରୀ ମିଶ୍ର ଙ୍କର ସମର୍ଥକ ଓ ଶୁଭେଚ୍ଛୁ ମାନଙ୍କ ପକ୍ଷରୁ ତାଙ୍କ ନିକଟକୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ବାର୍ତ୍ତା ର ସୁଅ ଛୁଟି ଥିବା ପ୍ରାପ୍ତ ସୂଚନା ରୁ ପ୍ରକାଶ।ଶ୍ରୀ ମିଶ୍ରଙ୍କୁ ତାଙ୍କର ବିପୁଳ ବିଜୟ ପାଇଁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇ ୱାଲର୍ଡ ଓଡ଼ିଶା ସୋସାଇଟି ର ଅଧକ୍ଷ କିଶୋର ଦ୍ୱିବେଦୀ ଏକ ବାର୍ତ୍ତା ରେ ଛତିଶଗଡ଼ର ନୂତନ ବିଧାନସଭା ରେ ପୁରନ୍ଦର ମିଶ୍ର ଓଡ଼ିଆ ମାନଙ୍କର ପ୍ରକୃତ ପ୍ରତିନିଧି ହେବେ ଓ ସେମାନଙ୍କ ର ଆଶାଆକାଂକ୍ଷା କୁ ପୂରଣ କରିବାରେ ନିଶ୍ଚିତ ଭାବେ ସକ୍ଷମ ହେବେ ବୋଲି ଭରସା ପ୍ରକାଶ କରିଛନ୍ତି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ନିକଟରେ ଶ୍ରୀ ମିଶ୍ର ଛତିଶଗଡ଼ ରେ ବସବାସ କରୁଥିବା ଓଡ଼ିଆ ମାନଙ୍କ ର ଛାମୁଆଁ ସଂଗଠନ ବୃହତ ଓଡ଼ିଆ ସମାଜ ର ସଭାପତି ରୂପେ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ। ଏହି ବୃହତ ସମାଜ ଅଧୀନରେ ପ୍ରଦେଶର ୩୫ଲକ୍ଷ ଓଡ଼ିଆ ଆଦିବାସୀଙ୍କୁ ପ୍ରତିନିଧିତ୍ୱ କରୁଥିବା ୨୪ଟି ଜାତିଭିତ୍ତିକ ସମାଜ ଅନ୍ତର୍ଭୁକ୍ତ ହୋଇଛନ୍ତି।

# ୩୪ ତମ କୋଣାର୍କ ଉତ୍ସବର ଚତୁର୍ଥ ସଂଧ୍ୟା

## ମୋହିନୀୟାଟ୍ଟମ୍‌ରେ ଶିବତତ୍ତ୍ୱ ଓ ଓଡିଶୀରେ କୃଷ୍ଣ ରସ ମନ୍ତ୍ରମୁଗ୍ଧ କଲା



କୋଣାର୍କ , (ପି.ଏନ): ଶାସ୍ତ୍ରୀୟ ନୃତ୍ୟରେ ପୌରାଣିକ ପ୍ରସଙ୍ଗର ଅବତାରଣା ଭାବ ଓ ଭକ୍ତିର ସଂଚାର କରେ। ଏହି ଉକ୍ତିର ସତ୍ୟତାକୁ ପ୍ରକାଶ କରିଥିଲା ଅର୍କକ୍ଷେତ୍ର ସୂର୍ଯ୍ୟମନ୍ଦିର ପାଦଦେଶ ଅନ୍ତର୍ଗତ ମୁକ୍ତାକାଶ ରଙ୍ଗମଞ୍ଚ। ପର୍ଯ୍ୟଟନ ବିଭାଗ ଆୟୋଜିତ କୋଣାର୍କ ଉତ୍ସବର ଚତୁର୍ଥ ସଂଧ୍ୟାକୁ ରସମୟ କରିବା ପାଇଁ ମଞ୍ଚ ପ୍ରବେଶ କରିଥିଲେ ମୋହିନୀୟାଟ୍ଟମ୍ ନୃତ୍ୟ ପଟ୍ଟୟସୀ ପଲ୍ଲବୀ କ୍ରିଷ୍ଣନ୍? । କେରଳର ଲସ୍ୟ ଏକାଡ?ମୀ ଅଫ୍? ମୋହିନୀୟାଟ୍ଟମ୍?ର ଶିଳ୍ପୀଙ୍କ ସହ ପଲ୍ଲବୀଙ୍କର ପ୍ରଥମ ପ୍ରସ୍ତୁତିରେ ଆଦି ଶଙ୍କରାଚାର୍ଯ୍ୟ ବିରଚିତ ନମଃ ଶିବାୟ ପଞ୍ଚାକ୍ଷର ଆଧାରରେ ଶିବତତ୍ତ୍ୱର ମଞ୍ଚାୟନ ହୋଇଥିଲା। ଦ୍ୱିତୀୟ ଚରଣରେ ମାଲାୟାଲମ୍ ସାହିତ୍ୟରେ ବର୍ଣ୍ଣିତ ବୌଦ୍ଧ ସନ୍ନ୍ୟାସୀ ଉପଗୁପ୍ତ ଓ ରୂପସୀ ବାସବଦତ୍ତାଙ୍କ କାହାଣୀକୁ ନେଇ ଉପସ୍ଥାପିତ ହୋଇଥିଲା ନୃତ୍ୟ ସଂରଚନା କରୁଣା। ବୌଦ୍ଧ ସନ୍ୟାସୀଙ୍କ କରୁଣାରେ ସକଳ ଧନ ସମ୍ପଦର ମୋହ ଓ ରୂପ ଲାବଣ୍ୟର ମାୟାକୁ ପରିହାର କରି ସୁନ୍ଦରୀ ବାସବଦତ୍ତାଙ୍କର ଆତ୍ମିକ ଉତ୍ତରଣକୁ ମଞ୍ଚସ୍ଥ କରିଥିଲେ କେରଳର ସୁପ୍ରସିଦ୍ଧ ନୃତ୍ୟାଙ୍ଗନା ଗଣ।ଦ୍ୱିତୀୟ ପର୍ଯ୍ୟାୟରେ ଓଡିଶୀର ରାଗ-ରସ-ରଙ୍ଗର ପସରା ଧରି ମଞ୍ଚକୁ ଆସିଥିଲେ ସୁବିଖ୍ୟାତ ନୃତ୍ୟ ବିଦୁଷୀ ଦକ୍ଷା ମଶ୍ରୁୱାଲା। କୈସିକି ଡ୍ୟାନ୍ସ ଏକାଡ?ମୀ, ମୁମ୍ବାଇର ଶିଳ୍ପୀଗଣଙ୍କ ପ୍ରସ୍ତୁତିରେ ଥିଲା ଭାରତୀୟ ରାଗ ରାଗିଣୀ ଓ ମାତୃ ଶକ୍ତିର ପ୍ରକାଶ ସମ୍ବଳିତ ରାଗମାଳ। ପରେ ପରେ ଶୁଦ୍ଧ ନୃତ୍ୟ ଯୋଗ ପଲ୍ଲବୀ ରାଗ ଓ ତାଳକୁ ନେଇ ବିସ୍ତାରିତ ହୋଇଥିଲା। କବି ମନମାଳୀଙ୍କ ରଚନାରୁ ପ୍ରାଣ ସଙ୍ଗିନୀରେ କାଲି ମୁଁ କି ଲାଜେ ବୁଡିଲିର ଅଭିନୟରେ ରାଧା-କୃଷ୍ଣ ମିଳନର ଶୃଙ୍ଗାରିକ ଅନୁଭବକୁ ପରଶି ଦେଇଥିଲେ ଶିଳ୍ପୀଗଣ। ଅନ୍ତିମ ଲଗ୍ନରେ ଉପନିଷଦ ବର୍ଣ୍ଣିତ ଶାନ୍ତି ମନ୍ତ୍ର ସହ ନୃତ୍ୟରେ ଉପସଂହାର ଆଣିଥିଲେ ଶିଳ୍ପୀମାନେ।ଚତୁର୍ଥ ସଂଧ୍ୟାର ଅତିଥିଭାବେ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱ?ଳନ କରିଥିଲେ ମୁମ୍ବାଇର ପୂର୍ବତନ ପୋଲିସ କମିଶନର ଅରୂପ ପଟ୍ଟନାୟକ; ଓଡିଶା ସଙ୍ଗୀତ ନାଟକ ଏକାଡ?ମୀର ସଭାପତି ଗୁରୁ ଅରୁଣା ମହାନ୍ତି ଓ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ। ଡଃ. ମୃତ୍ୟୁଞ୍ଜୟ ରଥ ଓ ସଂହତି ପାଣିଙ୍କ ସଂଯୋଜନାରେ ପ୍ରସ୍ତୁତ ହୋଇଥିବା ପ୍ରତିଟି ନୃତ୍ୟ ଉପସ୍ଥାପନା ବେଶ ମନଛୁଆଁ ହୋଇଥିଲା। ଓଡିଶା ସଂଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ, ଡଃ ସଂଗୀତା ଗୋସାଇଁ, ପର୍ଯ୍ୟଟନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।ଚତୁର୍ଥ ଦିନରେ ଓଡିଶା ପର୍ଯ୍ୟଟନ ବିଭାଗ ଦ୍ୱାରା ଅନୁଷ୍ଠିତ ଆନ୍ତର୍ଜାତୀୟ ବାଲୁକା କଳା ଉତ୍ସବରେ ଅତିଥି ଦେବୋଃ ଭବୋଃ ଓ ଜଳବାୟୁ ପରିବର୍ତ୍ତନ ଉପରେ ଶିଳ୍ପିମାନଙ୍କ ଦ୍ୱାରା ବାଲୁକା କଳା ପ୍ରଦର୍ଶୀତ ହୋଇଥିଲା।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray